CMYK

एक निरपेक्ष प्रगतिशील सम्बादपत्र

ଦିନଲିପି

THE DINALIPI

• Vol.- 46, Issue No. 223
• Sunday, 15 November 2026
• ରବିବାର, ୧୫ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



୨୦୨୫ ପରାଜୟର ପ୍ରତିଶୋଧ

ଏସିଆ କପ୍ ଫାଇନାଲ: ଭାରତ ଚାମ୍ପିଅନ

● ରୋମାଞ୍ଚକର ମୁକାବିଲା, ଚମତ୍କାର ବିଜୟ ● ୯ ୱିକେଟରେ ହାରିଲା ପାକିସ୍ତାନ
● ଶେଷ ବଲ୍‌ରେ ଚୌକା ● ଭାରତୀୟ କ୍ରିକେଟ୍ ପାଇଁ ଏକ ଚମତ୍କାର ଦିନ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ୧୪।୧୧ : କ୍ରିକେଟ୍ ମାଇଦାନରେ ଆଉଥରେ ଆଧିପତ୍ୟ ଜାହିର କରିଛି ଭାରତ। ୨୦୨୫ ପରାଜୟର ପ୍ରତିଶୋଧ ନେଇଛି। ଏସିଆ କପ୍ ୨୦୨୬ର ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଟ୍ରଫି ହାତେଇଛି ଟିମ୍ ଇଣ୍ଡିଆ। ୧୯ ବର୍ଷରୁ କମ୍ ଏସିଆ କପ ଫାଇନାଲରେ ଭାରତର ରୋମାଞ୍ଚକ ବିଜୟ ହୋଇଛି। ୧ ୱିକେଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରିଛି ଟିମ୍ ଇଣ୍ଡିଆ । ଶେଷ ବଲରେ ୩ ରନ୍ ଆବଶ୍ୟକ ରହିଥିବାବେଳେ ଭାରତୀୟ ଯୁବ ପ୍ରତିଭା ମୋହିତ ଉଲଭା ଏକ ସୁନ୍ଦର ଚୌକା ମାରିବା ସହ ଦଳକୁ ଚାମ୍ପିୟନ କରାଇଛନ୍ତି । ନବମଥର ପାଇଁ ଭାରତ ଏହି ଟାଇଟଲ ହାତେଇଛି । ଭାରତ ପକ୍ଷରୁ ଲକ୍ଷ୍ୟ ରାଜେଶ ସର୍ବାଧିକ ୮୦ ରନ କରିଥିବାବେଳେ ଆର୍ଯ୍ୟବୀର ୫୮ ରନର ପାଳି ଖେଳିଥିଲେ। ଏହାସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମୋହିତ ଉଲଭା ୨୬ ବଲରୁ ୪୯ ରନ କରିଛନ୍ତି । ଏହାସହ ଭାରତ ପାଇଁ ଆଶା ଉଦ୍‌ଜାବିତ କରିଥିଲେ ମନାଲ ଚୌହ୍ୱନ ଯିଏକି ୩୨ ବଲରୁ ୪୭ ରନ କରିଛନ୍ତି । ଶେଷ ସମୟରେ ଆଉଟ୍ ହୋଇଥିଲେ । ତଥାପି ଭାରତ ହାତକୁ ସେ ମ୍ୟାଚ ଆଣିଥିଲେ। ସୂଚନାଯୋଗ୍ୟ ଯେ, ପାକିସ୍ତାନ ପ୍ରଥମେ ବ୍ୟାଟିଂ ଥିବାବେଳେ ଭାରତ ଆଗରେ ୩୩୮ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଆର୍ଯ୍ୟବୀର ସେହୱାଗ ଅର୍ଦ୍ଧଶତକ ହାସଲ କରି ଆଉଟ ହୋଇଥିଲେ। ଭିକେ ଭିନିତଙ୍କ ବ୍ୟାଟ୍ ବିଫଳ ହୋଇଥିଲା। ୨୦୨୬ ଟାଇଟଲ୍ ଜିତିବା ପରେ ଭାରତୀୟ ଯୁବ କ୍ରିକେଟ୍ ଦଳକୁ ଚାରିଆଡୁ ମିଳୁଛି ପ୍ରଶଂସା ଓ ଶୁଭେଚ୍ଛା। ଏହି ସଫଳତାରେ ଖୁସି ପ୍ରକାଶ କରିଛନ୍ତି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଜରିଆରେ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇବା ସହ ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ କ୍ରିକେଟ୍ ପାଇଁ ଏହା ଏକ ଚମତ୍କାର ଦିନ। ଯୁବ କ୍ରିକେଟରମାନଙ୍କ ଉପଲବ୍ଧି ପାଇଁ ସେ ଗର୍ବିତ।

ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ମିଳିଲା ଆଉ ୧ ଲକ୍ଷ ଆବାସ

- ମୋଟ ଆବାସ ସଂଖ୍ୟା ୫ ଲକ୍ଷକୁ ବୃଦ୍ଧି
- ବଲାଙ୍ଗୀରର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ
- ଜିଲ୍ଲାକୁ ୯୧୧ କୋଟି ଟଙ୍କାର ଭେଟି
- ୨୪୮ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର
- ବଲାଙ୍ଗୀର ମାଟିରୁ ଦାରିଦ୍ର୍ୟ ଦୂରୀକରଣ ପାଇଲଟ୍ ପ୍ରୋଜେକ୍ଟ ହେବ: କେନ୍ଦ୍ର କୃଷିମନ୍ତ୍ରୀ
- ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଛାତ ଆମର ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର/ଭୁବନେଶ୍ୱର, ୧୪।୧୧: ଯେତେବେଳେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଏକ ସୁରକ୍ଷିତ ପକ୍କା ଘର ତଳେ ନିଶ୍ଚିନ୍ତରେ ରହି ପାରିବେ, ସେତେବେଳେ ଆମ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ିଚାଲିବ। ଏକ ବିକଶିତ ଓଡ଼ିଶାର ଆରମ୍ଭ ଆମ ଗାଁରୁ ହୋଇଥାଏ ଏବଂ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଯୋଗାଇଦେବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ମୁଖ୍ୟମନ୍ତ୍ରୀ ଶନିବାର ବଲାଙ୍ଗୀରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୪-୧୫ ଆର୍ଥିକ ବର୍ଷଠାରୁ ଓଡ଼ିଶାରେ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୧ ଲକ୍ଷରୁ ଅଧିକ ପକ୍କା ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗତ ୨ ବର୍ଷ ମଧ୍ୟରେ ୫ ଲକ୍ଷ ୬୬ ହଜାରରୁ ଅଧିକ ଘର ନିର୍ମାଣ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ନେତୃତ୍ୱରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ' ଅଧୀନରେ ରାଜ୍ୟକୁ ମଞ୍ଜୁର ହୋଇଥିବା ମୋଟ ୨୮ ଲକ୍ଷ ୬ ହଜାର ଘର ମଧ୍ୟରୁ ୨୫ ଲକ୍ଷ ୫୮ ହଜାର ଘର ନିର୍ମାଣ ଶେଷ ହୋଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ଓ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନଜୀ କହିଥିଲେ ଯେ କେନ୍ଦ୍ର ସରକାର ୪ ଲକ୍ଷ ଘର ପୂର୍ବରୁ ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ଆଉ ଏକ ଲକ୍ଷ ଘର ମଞ୍ଜୁର କରିଥିବା ଯୋଗୁଁ ଏହି ଯୋଜନାରେ ରାଜ୍ୟର ୫ ଲକ୍ଷ ଘର ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ଆଉ ଏକ ଲକ୍ଷ ଘର ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଆବାସ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ପରିବାରଙ୍କ ପାଇଁ ମଞ୍ଜୁର ହୋଇଥିବା ୪୧ ହଜାର ୭୫ଟି ଘର ମଧ୍ୟରୁ ୩୫ ହଜାର ୬୩୫ଟି ଘର ସମ୍ପୂର୍ଣ୍ଣ ହୋଇଛି। କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ କହିଥିଲେ ଯେ, ସେ ଅତିଥି ନୁହଁନ୍ତି ବରଂ ମନ୍ତ୍ରୀ ରୂପରେ ଜଣେ ସେବକ ଭାବେ ଆସିଛନ୍ତି। ହେଲିକପ୍ଟରରୁ ବଲାଙ୍ଗୀର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟରେ ୨୯ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି, ଓଡ଼ିଶାରେ ତାହା ବଲାଙ୍ଗୀର ମାଟିରୁ ତାହା ଆରମ୍ଭ କରାଯିବ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ପର୍ଯ୍ୟଟନ ଏବଂ ଉନ୍ନତ ବିଦ୍ୟୁତ୍ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ ଆଗ୍ରୋ ପ୍ୟାନେଲ୍ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ, ଘର କାହା ପାଇଁ ଏକ ସ୍ୱପ୍ନ ତ କାହା ପାଇଁ ଏକ ପରିଚୟ ଓ ଠିକଣା, ଏବଂ ଏକ ପରିବାର ପାଇଁ ଏହା ସୁରକ୍ଷା କବଚ। ସୂଚନାଯୋଗ୍ୟ ଯେ, 'ମା' ପାଟଣେଶ୍ୱରୀଙ୍କ ପୀଠରେ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୯୧୧ କୋଟି ଟଙ୍କାର ୨୪୮ଟି ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯେଉଁଥିରେ ପ୍ରାୟ ୧୭୬ କୋଟି ଟଙ୍କାର ୧୬୦ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ ଏବଂ ୭୩୫ କୋଟି ଟଙ୍କା ମୂଲ୍ୟର ୮୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜଳଯୋଗାଣ, ଜଳସେଚନ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀଗୃହ, ସଡ଼କ ଉନ୍ନତିକରଣ ଓ ହଷ୍ଟେଲ୍ ଆଦି ଏହି ପ୍ରକଳ୍ପଗୁଡ଼ିକ ବଲାଙ୍ଗୀରର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଆମେରିକାରେ ବିମାନ ଚଳାଚଳ ଜାମ୍

ତ୍ରୁଟି ପାଇଁ 'ପୁରୁଣା ହାର୍ଡୱେର'କୁ କରାଗଲା ଦାୟୀ

ୱାଶିଂଟନ ୧୪।୧୧: ସମଗ୍ର ଆମେରିକାରେ ବିମାନ ଟ୍ରାଫିକ୍ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକୁ ବ୍ୟାହତ କରିଥିବା ଏକ ବଡ଼ ଦୂରସଂଚାର ବିଭ୍ରାଟ ପରେ ଫେଡେରାଲ୍ ଏଭିଏସନ୍ ପ୍ରଶାସନ (ଏଫଏଏ)ସମସ୍ତ ଆମେରିକୀୟ ବିମାନ ପ୍ରସ୍ଥାନ ଉପରେ ଲାଗୁ ହୋଇଥିବା ଦେଶବ୍ୟାପୀ ଗ୍ରାଉଣ୍ଡ ଷ୍ଟପ୍ ଉଠାଇ ଦେଇଛି। ଏନେଇ କୁହାଯାଇଛି ଯେ ବିମାନ ଟ୍ରାଫିକ୍ ନିୟନ୍ତ୍ରଣ କେନ୍ଦ୍ର ଏବଂ ଟ୍ରାକନ ଗୁଡ଼ିକରେ ପୂର୍ଣ୍ଣ କାର୍ଯ୍ୟକ୍ଷମତା ପୁନଃସ୍ଥାପିତ କରିବା ପରେ, ଏଫଏଏ ରାତିରେ ଆକାଶପଥକୁ ପୁନର୍ବାର ଖୋଲି ଦେଇଛି। ସ୍ୱାଭାବିକ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ଆମକୁ ସମୟ ଲାଗିବ, ତେଣୁ ଦୟାକରି ସଦ୍ୟତମ ସୂଚନା ପାଇଁ ଯାତ୍ରୀମାନେ ବିମାନ କମ୍ପାନୀ ସହିତ ଯାଞ୍ଚ ଜାରି ରଖନ୍ତୁ। ଆମର ସର୍ବୋଚ୍ଚ ପ୍ରାଥମିକତା ହେଉଛି ଯାତ୍ରୀ ଏବଂ ଯାତ୍ରୀ ପରିବାରର ସୁରକ୍ଷା । ପରିବହନ ସଚିବ ସିଆନ୍ ଡଫି କହିଛନ୍ତି ଯେ ଆମେରିକୀୟ ଏୟାରସ୍ପେସ୍ ଏବେ 'ଖୋଲା' ହୋଇଯାଇଛି ଏବଂ ତ୍ରୁଟି ପାଇଁ 'ପୁରୁଣା ହାର୍ଡୱେର'କୁ ଦାୟୀ କରାଯାଇଛି। ଆମେରିକାରେ ଯୋଗାଯୋଗ ବ୍ୟବସ୍ଥାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୪ ଘଣ୍ଟାରୁ ଅଧିକ ସମୟ ଧରି ଠପ୍ ହୋଇଥିଲା ବିମାନ



ସେବା । ଏକ ୱେବସାଇଟ୍ ଅନୁଯାୟୀ, ଶୁକ୍ରବାର ଆମେରିକାରେ ପ୍ରାୟ ୧୫,୦୦୦ ଉଡ଼ାଣ ବିଳମ୍ବିତ ହୋଇଥିଲା କିମ୍ବା ବାତିଲ୍ କରାଯାଇଥିଲା । ସେହିପରି, ଶନିବାର ପାଇଁ ମଧ୍ୟ ଆମେରିକା ଭିତରେ ଏବଂ ବାହାରକୁ ଯିବାକୁ ଥିବା ୭୦୦ରୁ ଅଧିକ ବିମାନ ବାତିଲ୍ ହୋଇଥିଲା ।

ମୋବାଇଲ ଚୋରି ସନ୍ଦେହ

ନାବାଳକକୁ ପିଟି ପିଟି ମାରିଦେଲେ !

ନୀଳଗିରି, ୧୪।୧୧: ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବରହମପୁର ଥାନା ଅଞ୍ଚଳର ଡେଙ୍ଗୁଳିଆ ଗାଁରେ, ମୋବାଇଲ୍ ଫୋନ୍ ଚୋରି ସନ୍ଦେହରେ ଜଣେ ନାବାଳକଙ୍କୁ ଆକ୍ରମଣ କରାଯିବା ପରେ ତାଙ୍କର ମୃତ୍ୟୁ ଘଟିଛି।ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ଦେଖାଦେଇଛି। ଖବର ଅନୁଯାୟୀ ମୋବାଇଲ୍ ଫୋନ୍ ଚୋରି କରିଥିବା ସନ୍ଦେହରେ ଉକ୍ତ ନାବାଳକଙ୍କୁ ଜନୈକ ପିଟି ପିଟି ହତ୍ୟା କରିଥିବା ସାଧାରଣରେ ଅଭିଯୋଗ ହୋଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ସରକାରୀ କୋଠା ପାଖରୁ ସନ୍ଦେହଜନକ ଅବସ୍ଥାରେ ତାର ମୃତଦେହ ଉଦ୍ଧାର କରାଯାଇଛି। ମୃତକ ସପ୍ତମ ଶ୍ରେଣୀର ଜଣେ ଛାତ୍ର ଥିଲା, ବୟସ ପ୍ରାୟ ୧୨ ବର୍ଷ। ମୃତଦେହ ମିଳିବା ପରେ, ଉଦ୍ଧ୍ୟକ୍ତ ସ୍ଥାନୀୟ ଲୋକମାନେ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ପ୍ରାୟ ଛଅ ଘଣ୍ଟା ଧରି ସ୍ଥାନୀୟ ରାସ୍ତା ଅବରୋଧ କରି ବା ଫଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା।

ମହାଦେବ ଆପ୍ ମାମଲା

୬ ରାଜ୍ୟରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୪।୧୧: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମହାଦେବ ଅନଲାଇନ୍ ବୁକ୍ ଆପ୍‌ର ବେଆଇନ ବେଟିଂ ନେଟୱାର୍କ ବିରୋଧରେ ଛଅଟି ରାଜ୍ୟର ୩୩ଟି ସ୍ଥାନରେ ଚଢାଉ କରିଛି। ଗତ କିଛିଦିନ ଧରି ବନ୍ଦ କରାଯାଇଥିବା ଚଢାଉ ସମୟରେ ସକ୍ରିୟ ବେଟିଂ ଏବଂ ଜୁଆ ପ୍ୟାନେଲଗୁଡ଼ିକ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ତଲାସୀ ସମୟରେ, ଡିଜିଟାଲ୍ ଡିଭାଇସ୍, ମୋବାଇଲ୍ ଫୋନ୍ ଏବଂ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଏବଂ ହାୱାଲା ନେଟୱାର୍କ ବ୍ୟବହାର ସହିତ ଜଡିତ ଅପରାଧିକ କାଗଜପତ୍ର ଜବତ କରାଯାଇଥିଲା। ସିବିଆଇ ଅନୁଯାୟୀ, ମହାଦେବ ଆପ୍'ର ଅନ୍ୟତମ ମୁଖ୍ୟ ପ୍ରମୋଟର ଏବଂ ମୁଖ୍ୟ ଅଭିଯୁକ୍ତ ସୌରଭ ଚନ୍ଦ୍ରକରଙ୍କୁ ପଚରାଉଚରା ସମୟରେ ମିଳିଥିବା ସୂଚନା ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଓମାନରୁ ପ୍ରତ୍ୟର୍ପଣ ପରେ ଚନ୍ଦ୍ରକରଙ୍କୁ ନଭେମ୍ବର ୧ ତାରିଖରେ ଗିରଫ କରାଯାଇଥିଲା। ରାୟପୁରର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ତାଙ୍କୁ ଆଠ ଦିନର ପୋଲିସ ହେପାଜତକୁ ପଠାଇଛି। ପଚରାଉଚରା ପ୍ଲାଟଫର୍ମର କାର୍ଯ୍ୟ ଏବଂ ଭାରତରେ ଏହାର ପ୍ୟାନେଲ ଅପରେଟରଙ୍କ ନେଟୱାର୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲା। ସିବିଆଇ ଅମୃତସର, ଦିଲ୍ଲୀ, ନାଗୌର, ଧୋଲପୁର, ଭୋପାଳ, ରାୟପୁର, ଦୁର୍ଗ, ଇନ୍ଦୋର, ଅହମ୍ମଦାବାଦ, ଭଦୋଦରା, ସୁରତ, ମୁମ୍ବାଇ ଏବଂ ନାଗପୁରରେ ତଲାସ କରିଥିଲା। ତଦନ୍ତକାରୀ ସଂସ୍ଥା କହିଛି ଯେ ତଲାସ ସମୟରେ ଉଦ୍ଧାର ହୋଇଥିବା ଡିଜିଟାଲ୍ ଏବଂ ଡକ୍ୟୁମେଣ୍ଟାରୀ ପ୍ରମାଣ ସମ୍ପର୍କରେ ମଧ୍ୟ ଚନ୍ଦ୍ରକରଙ୍କୁ ପଚରାଉଚରା କରାଯାଇଥିଲା।ପୋଲିସ ହେପାଜତ ଅବଧି ଶେଷ ହେବା ପରେ, ଚନ୍ଦ୍ରକରଙ୍କୁ ନଭେମ୍ବର ୧୨ ତାରିଖରେ ରାୟପୁରର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ନଭେମ୍ବର ୧୯ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇ ଦେଇଥିଲେ।

୭ ପ୍ରେସର କୁକର ଆଇଇଡି ଜବତ



ଭୁବନେଶ୍ୱର, ୧୪।୧୧: ନୂଆପଡ଼। ପୋଲିସ ଶନିବାର ବୋଡେନ ଥାନା ଅନ୍ତର୍ଗତ ପାଟଧାରା-ଗର୍ଜନପାଣି ଅଞ୍ଚଳରେ ମାଓବାଦୀ ବିରୋଧୀ ସର୍ଚ୍ଚ ଅପରେସନ୍ ସମୟରେ ୭ ପ୍ରେସର କୁକର ଆଇଇଡି ଜବତ କରିଛି। ନୂଆପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ, ନୂଆପଡ଼ା ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ୧୪.୧୧.୨୦୨୬ ତାରିଖରେ ଏହି ସଫଳ ଅଭିଯାନ ପରିଚାଳନା କରିଥିଲା। ପ୍ରେସର କୁକର ଆଇଇଡି ବ୍ୟତୀତ ପୋଲିସ ଚାରି ବଣ୍ଡଲ ବିଦ୍ୟୁତ୍ ତାର ମଧ୍ୟ ଜବତ କରାଯାଇଛି।

'ପାନ୍ ଓ ଭୋଟର ପରିଚୟପତ୍ର ନାଗରିକତାର ପ୍ରମାଣ ନୁହେଁ'

ନୂଆଦିଲ୍ଲୀ ୧୪।୧୧: କେବଳ ପାନ୍ କାର୍ଡ ଏବଂ ଭୋଟର ପରିଚୟପତ୍ର ଭାରତୀୟ ନାଗରିକତାର ପ୍ରମାଣ ନୁହେଁ। ଏହାକୁ ନେଇ ଆସିଛି କୋର୍ଟଙ୍କ ନୂଆ ନିୟମ। ଭାରତରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପାନ୍ କାର୍ଡ ଏବଂ ଭୋଟର ପରିଚୟପତ୍ର ଭଳି ଡକ୍ୟୁମେଣ୍ଟ ରହିଛି। କିନ୍ତୁ, କେବଳ ଏହି ଡକ୍ୟୁମେଣ୍ଟଗୁଡ଼ିକ ଭାରତୀୟ ନାଗରିକତା ପ୍ରମାଣ କରିପାରିବ ନାହିଁ। ଗୌହାଟି ହାଇକୋର୍ଟ ଏକ ମାମଲାର ଶୁଣାଣି ସମୟରେ ଏହା କହିଛନ୍ତି।କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପାନ୍ କାର୍ଡ ଏବଂ ଭୋଟର ପରିଚୟପତ୍ର ପ୍ରଦାନ କରିବା ପାଇଁ ବ୍ୟବହୃତ ଅନ୍ୟାନ୍ୟ ରେକର୍ଡଗୁଡ଼ିକ ମଧ୍ୟ ପ୍ରମାଣ ଭାବେ ପ୍ରମାଣିତ ହେଲେ ପ୍ରମାଣ ଭାବରେ ବିବେଚନା କରାଯାଇପାରିବ। ଏହା ଆଧାରରେ, କୋର୍ଟ ଜଣେ ମହିଳାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ମହିଳା ଜଣକ ନିଜକୁ ଭାରତୀୟ ନାଗରିକ ବୋଲି ଦାବି କରି ତାଙ୍କୁ ବିଦେଶୀ ଘୋଷଣା କରିବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ।ଏହି ମାମଲା ଆସାମର ଦାରାଙ୍ଗ ଜିଲ୍ଲାର ବାସିନ୍ଦା ଜୁଲଚେନ୍ ବେଗମଙ୍କ ସହ ଜଡିତ। ତାଙ୍କ ବିରୋଧରେ ୨୦୦୦ ମସିହାରେ ଏକ ମାମଲା ଦାୟର କରାଯାଇଥିଲା। ପରେ ମାମଲା ବିଦେଶୀ ଟ୍ରିବ୍ୟୁନାଲରେ ପହଞ୍ଚିଥିଲା। ୨୦୧୮ ମସିହାରେ, ଟ୍ରିବ୍ୟୁନାଲ ତାଙ୍କୁ ବିଦେଶୀ ଘୋଷଣା କରି ଥିଲେ। ମହିଳା ଜଣକ ଗୌହାଟି ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ।

୧୯ ରାତିରେ ସ୍ଥଳଭାଗ ଛୁଇଁପାରେ 'ଅକ୍ଟ୍ୱାନ'


କେଉଁ ଉପକୂଳ ଆଡ଼େ ଯିବ ଆଇଏମଡି କରିନି ଆକଳନ

ଭୁବନେଶ୍ୱର, ୧୪।୧୧: ସମ୍ଭାବ୍ୟ ବାତ୍ୟା ଅକ୍ଟ୍ୱାନ ୧୯ ତାରିଖ ରାତିରେ ସ୍ଥଳଭାଗ ଛୁଇଁପାରେ। ୨୦ ତାରିଖ ରାତି ସାରା ବର୍ଷା ବଢ଼ିପାରେ। ବିଶାଖାପାଟଣା-ମଛଲିପଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ବିଶେଷଜ୍ଞ ମହଲରେ ଏପରି ଆକଳନ ଏବେ ଆରମ୍ଭ ହୋଇଛି। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଛି। ଆସନ୍ତା ୨୪ଘଣ୍ଟାରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ସେହିପରି ହୋଇ ୧୬ ସନ୍ଧ୍ୟା ସୁଦ୍ଧା ବାତ୍ୟାର ରୂପ ନେଇପାରେ। ୧୮ ତାରିଖରେ ଏହା ଭୀଷଣ ରୂପ ନେଇ ସ୍ଥଳ ଭାଗ ମୁହାଁ ହେବ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦୁଇ ଦିନ ଯାଏ ସମୁଦ୍ର ଭିତରେ ଏହା ବଳ ଗୋଟାଇ ୧୮ ତାରିଖ ବେଳକୁ ସ

ନୀରବତାର ମହାସଂଗ୍ରାମ








ନିରବତାର ମହାସଂଗ୍ରାମ,ପାଟି ନ କରି ଚୁପ୍ ରହିବା ପାଇଁ ମଧ୍ୟ ବହୁତ ସଂଘର୍ଷ କରିବାକୁ ପଡ଼େ। ପ୍ରାୟତଃ ଲୋକଙ୍କୁ ଲାଗେ ଯେ କହିବା ବା କଥା ହେବା କଠିନ ଏବଂ ଚୁପ୍ ରହିବା ବହୁତ ସହଜ। କିନ୍ତୁ ବାସ୍ତବତା ଏହାର ସମ୍ପୂର୍ଣ୍ଣ ବିପରୀତ। ଏହି କୋଳାହଳପୂର୍ଣ୍ଣ ଦୁନିଆରେ, ଚୁପ୍ ରହିବା ପାଇଁ ମଣିଷକୁ ନିଜ ଭିତରେ ଏକ ବଡ଼ ସଂଘର୍ଷ ଏବଂ ମହାସଂଗ୍ରାମ ଲଢ଼ିବାକୁ ପଡ଼େ। କହିବା ହେଉଛି ଏକ ସ୍ୱାଭାବିକ ମାନବୀୟ ପ୍ରତିକ୍ରିୟା। ଯେତେବେଳେ କିଏ ଆମ ଉପରେ ଆଙ୍ଗୁଠି ଉଠାଏ, ଆମର ଆତ୍ମସମ୍ମାନକୁ ଆଘାତ ଦିଏ, କିମ୍ବା ଯେତେବେଳେ ଆମ ସାମ୍ନାରେ ଭୁଲ୍ ଯୁକ୍ତି ରଖାଯାଏ, ସେତେବେଳେ ଆମର ମନ ତୁରନ୍ତ ପଲଟିକି ଜବାବ ଦେବା ପାଇଁ ବ୍ୟାକୁଳ ହୋଇଉଠେ। ସେହି ଉତ୍କ୍ଷିପ୍ତ ଉତ୍ତେଜନାର ମୁହୂର୍ତ୍ତରେ ନିଜ ଜିଭକୁ ନିୟନ୍ତ୍ରଣ କରିବା, ନିଜ ଶବ୍ଦ ଗୁଡ଼ିକୁ ଭିତରେ ରୋକି ରଖିବା କୌଣସି କଠିନ ତପସ୍ୟାଠାରୁ କମ୍ ନୁହେଁ। ଏହା ଏକ ଏପରି ଆଭ୍ୟନ୍ତରୀଣ ଯୁଦ୍ଧ, ଯେଉଁଠାରେ ଆପଣଙ୍କୁ ନିଜର କ୍ରୋଧ, ଅହଂକାର ଏବଂ ପ୍ରତିକ୍ରିୟା ଦେବାର ତୀବ୍ର ଇଚ୍ଛାକୁ ଜିତିବାକୁ ପଡ଼େ। ଚୁପ୍ ରହିବାର ଅର୍ଥ କାପୁରୁଷତା ବା ହାର୍ ମାନି ନେବା ନୁହେଁ। ମନ ମାରି କିମ୍ବା ଡରିକି ଚୁପ୍ ରହିଯିବା ପ୍ରକୃତ ନୀରବତା ନୁହେଁ। ପ୍ରକୃତ ମୌନ ତାହାକୁ କୁହାଯାଏ ଯେଉଁଥିରେ ଆତ୍ମ-ନିୟନ୍ତ୍ରଣ, ଧୈର୍ଯ୍ୟ ଏବଂ ଗଭୀର ସଂଯମ ସାମିଲ ଥାଏ। ଯେତେବେଳେ ସାମ୍ନା ବ୍ୟକ୍ତି ଆପଣଙ୍କ କଥା ବୁଝିବା ସ୍ଥିତିରେ ନ ଥାଏ, କିମ୍ବା କେବଳ ଯୁକ୍ତି ଜିତିବା ପାଇଁ କହୁଥାଏ, ସେତେବେଳେ ତାକୁ ବୁଝାଇବା ବଦଳରେ ଚୁପ୍ ହୋଇଯିବା ସବୁଠାରୁ ବଡ଼ ବୁଦ୍ଧିମାନର କାର୍ଯ୍ୟ।ଏଭଳି ସମୟରେ ନିଜର ଶକ୍ତିକୁ ବୃଥା ବାଦ-ବିବାଦରେ ନଷ୍ଟ ନ କରି ଶାନ୍ତ ରହିବା ପାଇଁ ଅସାଧାରଣ ମାନସିକ ଶକ୍ତିର ଆବଶ୍ୟକତା ପଡ଼େ। ବୈଜ୍ଞାନିକ ଏବଂ ମାନସିକ ଦୃଷ୍ଟିକୋଣରୁ ମୌନର ଅନେକ ଲାଭ ରହିଛି। ଚୁପ୍ ରହିବା ଦ୍ୱାରା କେବଳ ଆମର ମାନସିକ ଚାପ କମି ନ ଥାଏ, ବରଂ ଆମର ଚିନ୍ତାଶକ୍ତି ଏବଂ ସୃଜନଶୀଳତା ମଧ୍ୟ ବୃଦ୍ଧି ପାଏ। ଯେଉଁ ବ୍ୟକ୍ତି ଏହି ଆଭ୍ୟନ୍ତରୀଣ ସଂଘର୍ଷକୁ ଅତିକ୍ରମ କରି ସଠିକ୍ ସମୟରେ ଚୁପ୍ ରହିବା ଶିଖିଯାଏ, ସେ ଜୀବନର ଅନେକ ବଡ଼ ବିବାଦ ଏବଂ ସମ୍ପର୍କର ଭାଙ୍ଗିରୁଜି ଯିବାକୁ ବହୁତ ସହଜରେ ଏଡ଼ାଇ ଦେଇପାରେ।

ଏହା ମଧ୍ୟ କୁହାଯାଇଛି ଯେ 'ଗୋଟିଏ ଚୁପ୍ ଶହେ ସୁଖ'। କିନ୍ତୁ ସେହି ଗୋଟିଏ ଚୁପ୍ କିମ୍ବା ନୀରବତାକୁ ହାସଲ କରିବା ପାଇଁ ଭିତରେ ଯେଉଁ ଝଡ଼କୁ ରୋକିବାକୁ ପଡ଼େ, ସେଇଆ ହିଁ ମଣିଷର ପ୍ରକୃତ ସଂଘର୍ଷ। ସେଥିପାଇଁ, ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ କାହାକୁ ଶାନ୍ତ ଦେଖିବେ, ତାଙ୍କୁ ଦୁର୍ବଳ ବୋଲି ଭାବନ୍ତୁ ନାହିଁ; ସେ ନିଜ ଭିତରେ ସଂଯମର ଏକ ବଡ଼ ଯୁଦ୍ଧ ଜିତିକି ଠିଆ ହୋଇଛନ୍ତି।

-ସନ୍ଥ ରାମ ଦାସଜୀ ମହାରାଜ
ଶ୍ରୀଧାମ,ବୃନ୍ଦାବନ
ମୋ: ୯୨୮୬୫୧୫୩୩୩

ଅପୌରୁଷେୟ ଓ ପୌରୁଷେୟ





ସନାତନ ଧର୍ମର ବୈଦିକ ବାଙ୍ମୟ ସମଗ୍ର ସଂସାର ପାଇଁ ଏକ ବରଦାନ। ଏଥିରେ ସମସ୍ତଙ୍କ କଲ୍ୟାଣ ନିମନ୍ତେ ବିବିଧ ସାଧନ କୁହାଯାଇଅଛି। ସେଥି ମଧ୍ୟରୁ 'ମନ୍ତ୍ର' ଓ 'ଶ୍ଲୋକ' ର ବଡ଼ ମହତ୍ତ୍ୱ ଆମ ଭାରତୀୟ ସଂସ୍କୃତିରେ ଦେଖିବାକୁ ମିଳେ। ସାଧାରଣତଃ ଅନେକ ଲୋକ ଏହି ଦୁଇଟି ('ମନ୍ତ୍ର' ଓ 'ଶ୍ଲୋକ) ଶବ୍ଦକୁ ଏକ ବୋଲି ଭାବିଥାନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଥିବା ଗଠନ, ଉଚ୍ଚାରଣ ଏବଂ ଉଦ୍ଦେଶ୍ୟର ଅନେକ ପାର୍ଥକ୍ୟ ରହିଛି। ଉଭୟ ଶବ୍ଦର ଅକ୍ଷର ଗୁଡିକ ସଂସ୍କୃତ ବା ଦେବନାଗରୀ ଲିପିରେ ଲିଖିତ ହୋଇଥିଲେ ବି ଉଚ୍ଚାରଣ ବା ଧ୍ୱନି ଦୃଷ୍ଟିରୁ ଭିନ୍ନତା ପରିଲକ୍ଷିତ ହୁଏ। ବିଶେଷତଃ 'ମନ୍ତ୍ର' ହେଉଛି ଏକ ପବିତ୍ର ଧ୍ୱନି, ଶବ୍ଦ କିମ୍ବା ବାକ୍ୟ, ଯାହା ମନକୁ ଏକାଗ୍ର କରିବା ସହ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ କରିଥାଏ। ସେଭଳି ୟାସ୍କାଚାର୍ଯ୍ୟ ନିରୁକ୍ତରେ ଲେଖିଛନ୍ତି 'ମନନାତ୍ ତ୍ରାୟତେ ଇତି ମନ୍ତ୍ରଃ'। ଅର୍ଥାତ୍ ଯାହାର ମନନ କରିବା ଏବଂ ବାରମ୍ବାର ଚିନ୍ତନ କରିବା ଦ୍ୱାରା ସଂସାରର ଭୟ ଏବଂ ବନ୍ଧନରୁ ମୁକ୍ତି ମିଳିଥାଏ, ତାହାକୁ ' ମନ୍ତ୍ର ' କୁହାଯାଏ। ଏହି ମନ୍ତ୍ରଙ୍କୁ ଅପୌରୁଷେୟ କୁହାଯାଏ। କାରଣ ମନ୍ତ୍ରଙ୍କୁ କୌଣସି ଜୀବ ଅର୍ଥାତ୍ ଋଷି ବା ମଣିଷଙ୍କ ଦ୍ୱାରା ରଚନା ହୋଇନାହିଁ। ଋଷିମାନଙ୍କ ଗ ହ ନ ଧ୍ୟାନାବସ୍ଥାରେ ମନ୍ତ୍ର ଏମାନଙ୍କ ଅନ୍ତକରଣରେ ପ୍ରକଟ ହୋଇଥିଲେ। ଅତଃ 'ମୁନୟଃ ମନ୍ତ୍ର ଦ୍ରଷ୍ଟାରଃ'। ଅର୍ଥାତ୍ , ଋଷି ବା ମୁନିମାନେ ମନ୍ତ୍ରର କର୍ତ୍ତା ନୁହନ୍ତି, ଏହିମାନେ ଏହାଙ୍କ ଦ୍ରଷ୍ଟା ଅଟନ୍ତି। ସେଭଳି ମନ୍ତ୍ର ଅପୌରୁଷେୟ ହୋଇଥିବା ବେଳେ ଶ୍ଲୋକ 'ପୌରୁଷେୟ' ଅଟେ। ଅର୍ଥାତ୍ ,ମହର୍ଷି ଓ ମନୁଷ୍ୟଙ୍କ ଦ୍ୱାରା ରଚିତ ଛନ୍ଦବଦ୍ଧ କାବ୍ୟ ବା ମହାକାବ୍ୟ ଏହି ଶ୍ଲୋକ। ଆନନ୍ଦ ବର୍ଦ୍ଧନଙ୍କ ଧନ୍ୟାଲୋକ ଏବଂ ମହାକବି ମହାର୍ଷି ବାଲ୍ମୀକିଙ୍କ ଅନୁଯାୟୀ କୁହାଯାଇଛି ଯେ 'ଶୋକଃ ଏବ ଶ୍ଲୋକତ୍ୱମାଗତଃ'। ଅର୍ଥ: ଶୋକ ବା କରୁଣ ରସର ସ୍ଥାୟୀଭାବ ରୂପରେ ଏବଂ ଛନ୍ଦବଦ୍ଧ ରୂପରେ ସୃଷ୍ଟ ହୋଇଥାଏ, ତାହାକୁ ଶ୍ଲୋକ କୁହାଯାଏ। ଏହାର ଦୃଷ୍ଟାନ୍ତ 'କାବ୍ୟାସ୍ୟାମ୍ଭା ସ ଏବାର୍ଥସ୍ତଥା ଚାଦିକ୍ରୌଃ ପୁରା। କ୍ରୌଞ୍ଚଦ୍ୱନ୍ଦ୍ୱିୟୋଗୋତ୍ଥଃ ଶୋକଃ ଶ୍ଲୋକତ୍ୱମାଗତଃ ?' ଅର୍ଥାତ୍- ବ୍ୟାଧର ବାଣରେ ବିଦ୍ଧ କ୍ରୌଞ୍ଚ ପକ୍ଷୀର ସହଚରୀର ଆର୍ତ୍ତନାଦ ଶୁଣି ଆଦିକବି ମହର୍ଷି ବାଲ୍ମୀକିଙ୍କ ହୃଦୟରେ ଯେଉଁ ତୀବ୍ର ଶୋକ ଉତ୍ପନ୍ନ ହେଲା, ସେହି ଶୋକ ହିଁ ଛନ୍ଦୋବଦ୍ଧ ବାଣୀ ବା ଶ୍ଲୋକ ରୂପରେ ପରିଣତ ହୋଇଥିଲା। ଏହି ଶ୍ଲୋକର ମୁଖ୍ୟ ବଳ ହେଉଛି ଅର୍ଥ ଓ ଭାବ। ଯଦି ଏହାର ଅର୍ଥକୁ ଜାଣି ପ୍ରେମ-ଭକ୍ତି ପୂର୍ବକ ପାଠ କରାଯାଏ, ତେବେ ତାହା ଈଶ୍ୱରଙ୍କ ପାଖକୁ ସିଧା ପହଞ୍ଚି ଥାଏ। ଏହା ସହ ଶ୍ଲୋକରେ ନୈତିକ ଶିକ୍ଷା, ଐତିହାସିକ କଥା, ସତ୍‌ସଙ୍ଗ କଥା ବାଚନ ଓ ଧାର୍ମିକ ବାର୍ତ୍ତାଦି ସନ୍ନିହିତ ରହିଛି। ସଂକ୍ଷେପରେ କହିବାକୁ ଗଲେ ବେଦ ରୁଚାଙ୍କୁ ମନ୍ତ୍ର ଏବଂ ଗୀତା, ମହାଭାରତ ଓ ରାମାୟଣାଦିର ଛନ୍ଦବଦ୍ଧ ପଂକ୍ତିକୁ ଶ୍ଲୋକ କୁହାଯାଏ।

-ହେମନ୍ତ କୁମାର ଗନ୍ତାୟତ
ଆସିକା, ଗଞ୍ଜାମ, ମୋ:୯୮୬୧୩୩୪୮୬୮

ଜୀବନର ଶେଷଯାତ୍ରା...



ଜୀବନର ଶେଷ ଯାତ୍ରା କେଉଁଠି ହେବ, ତାହା କିଏ ବା ଜାଣେ ,କିନ୍ତୁ ଭାରତରେ ଏମିତି ଏକ ପବିତ୍ର ସ୍ଥାନ ରହିଛି ଯେଉଁଠାକୁ ଲୋକେ ଜୀବନର ଅନ୍ତିମ ସମୟରେ ନିଜ ଇଚ୍ଛାରେ ଚାଲି ଆସନ୍ତି। ଏଠାରେ ରହିବା ପଛରେ ରହିଛି ମୃତ୍ୟୁ ପରେ ମୋକ୍ଷ ପ୍ରାପ୍ତିର ଆଶା। ସେହି ସ୍ଥାନ ହେଉଛି ଉତ୍ତରପ୍ରଦେଶର ପବିତ୍ର ନଗରୀ କାଶୀ ବା ବାରାଣସୀ। ହିନ୍ଦୁ ଧର୍ମରେ କାଶୀକୁ ମୋକ୍ଷର ଦ୍ୱାର ବୋଲି ବିଶ୍ୱାସ କରାଯାଏ। ମାନ୍ୟତା ରହିଛି, ଏହି ପବିତ୍ର ନଗରୀରେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, ତାଙ୍କୁ ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ମିଳିଥାଏ। ଏହି ବିଶ୍ୱାସ ହିଁ ଦେଶର ବିଭିନ୍ନ ପ୍ରାନ୍ତରୁ ବୟସ୍କ ଲୋକଙ୍କୁ ଜୀବନର ଶେଷ ପର୍ଯ୍ୟାୟରେ କାଶୀ ଟାଣି ଆଣିଥାଏ। କାଶୀର ଆଧ୍ୟାତ୍ମିକ ମହତ୍ତ୍ୱ ସହ ଜଡ଼ିତ ରହିଛି ଭଗବାନ ଶିବଙ୍କ ଏକ ବିଶେଷ ମାନ୍ୟତା। କୁହାଯାଏ, କାଶୀରେ ମୃତ୍ୟୁବରଣ କରୁଥିବା ଜୀବର କାନରେ ସ୍ୱୟଂ ମହାଦେବ ତାରକ ମନ୍ତ୍ର ଶୁଣାଇଥାନ୍ତି। ଏହି ମନ୍ତ୍ର ମାଧ୍ୟମରେ ଆତ୍ମାକୁ ମୋକ୍ଷ ପ୍ରାପ୍ତିର ମାର୍ଗ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ। ଏଥିପାଇଁ କାଶୀକୁ ମୁକ୍ତିର ନଗରୀ ଏବଂ ମହାଦେବଙ୍କ ନଗରୀ ବୋଲି ମଧ୍ୟ କୁହାଯାଏ। କାଶୀରେ ଏପରି ଲୋକଙ୍କ ପାଇଁ ରହିଛି ସ୍ୱତନ୍ତ୍ର ଆଶ୍ରୟସ୍ଥଳ। ଏହା ମଧ୍ୟରେ ରହିଛି ମୁକ୍ତି ଭବନ। ଏଠାକୁ ଦେଶର ବିଭିନ୍ନ ସ୍ଥାନରୁ ବୟସ୍କ ଏବଂ ଜୀବନର ଶେଷ ସମୟରେ ପହଞ୍ଚିଥିବା ଲୋକେ ଆସି ରହିଥାନ୍ତି। ନିଜର ଶେଷ ନିଶ୍ୱାସ କାଶୀ ମାଟିରେ ତ୍ୟାଗ କରିବା ସହ ମୋକ୍ଷ ଲାଭ କରିବା ସେମାନଙ୍କର ଆଶା ଥାଏ।ଏଠାକାର ପରିବେଶ ମଧ୍ୟ ଅନ୍ୟ ସ୍ଥାନଠାରୁ ଭିନ୍ନ। ମନ୍ଦିରର ଘଣ୍ଟି ଶବ୍ଦ, ଗଙ୍ଗା ଆଳତି, ଶିବ ନାମର ଜପ ଏବଂ ଭଜନ କୀର୍ତ୍ତନ ମଧ୍ୟରେ ଲୋକେ ନିଜର ଅବଶିଷ୍ଟ ଜୀବନ ବିତାଇବାକୁ ଚାହାନ୍ତି। ଏଠାକୁ ଆସୁଥିବା ଅନେକଙ୍କ ପାଇଁ ଏହା କେବଳ ଏକ ରହିବା ସ୍ଥାନ ନୁହେଁ, ବରଂ ଜୀବନର ଶେଷ ଅଧ୍ୟାୟକୁ ଆଧ୍ୟାତ୍ମିକତା ସହ ବିତାଇବାର ଏକ ଅବସର। ସାଧାରଣତଃ ମଣିଷ ମୃତ୍ୟୁକୁ ଭୟ କରେ। କିନ୍ତୁ କାଶୀରେ ମୃତ୍ୟୁକୁ ନେଇ ରହିଛି ଏକ ଭିନ୍ନ ଭାବନା । ଏଠାରେ ମୃତ୍ୟୁକୁ ଅନ୍ତ ନୁହେଁ, ବରଂ ମୋକ୍ଷ ପ୍ରାପ୍ତିର ଏକ ମାର୍ଗ ଭାବେ ଦେଖାଯାଏ। ବୋଧହୁଏ ସେଥିପାଇଁ ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ହଜାର ହଜାର ଲୋକଙ୍କ ମନରେ ରହିଥାଏ ଗୋଟିଏ ଇଚ୍ଛା... ଶେଷ ନିଶ୍ୱାସଟି କାଶୀରେ ନେବା ।

ପ୍ରକୃତ ସାଧକ



ଜଣେ ସନ୍ଥ ଏବଂ ଆଉ ଜଣେ ସାଧକ ଏକାଠି କୌଣସି ଏକ ସ୍ଥାନକୁ ଯାଉଥିଲେ। ରାସ୍ତାରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ, ସିଏ ସାଧକଙ୍କୁ ଜାଣିଥିଲେ। କିନ୍ତୁ ସେ ସାଧକଙ୍କୁ ଦେଖି ଗାଳି କରିବାକୁ ଲାଗିଲେ। ସନ୍ଥ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ସେ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ଭାଇ ଆପଣ କାହିଁକି ଏତେ ଖରାପ ଭାଷାରେ ଗାଳି ଦେଉଛନ୍ତି ? ଏପରି ଶବ୍ଦ ବ୍ୟବହାର କରିବା ଦ୍ୱାରା ଆପଣ ନିଜ ପାଟି ଖରାପ କରୁଛନ୍ତି। ସନ୍ଥଙ୍କ କଥା ଶୁଣି ସାଧକଙ୍କୁ ସାହସ ଜୁଟିଲା। ଏବେ ସେ ମଧ୍ୟ ଖରାପ ଭାଷାରେ ସେହି ବ୍ୟକ୍ତିକୁ ଗାଳି କରିବାକୁ ଲାଗିଲେ। ଦୁଇ ଜଣଙ୍କ ମଧ୍ୟରେ ଏପରି ଗାଳିଗୁଲଜ ଚାଲିଲା। ଏହା ଦେଖି ସନ୍ଥ ଦୁଃଖିତ ହେଲେ। ଅଜଣା ବ୍ୟକ୍ତିକୁ ସେ ତ' ବୁଝାଇପାରିଲେ, କିନ୍ତୁ ସାଧକଙ୍କୁ କ'ଣ କହିଥାନ୍ତେ ! ଶେଷରେ ସେ ଦୁହେଁ ଝଗଡ଼ା ଛାଡ଼ି ଏକୁଟିଆ କୁଟୀରକୁ ଫେରିଆସିଲେ ଏବଂ ଭଜନ ଗାଇବାକୁ ଲାଗିଲେ। କିଛି ସମୟ ପରେ ସାଧକ ତାଙ୍କୁ ଖୋଜି ଖୋଜି କୁଟୀରରେ ପହଞ୍ଚିଲେ। ସେଠାରେ ସନ୍ଥଙ୍କୁ ବସିଥିବା ଦେଖି କହିଲେ, ମହାରାଜ ! ଆପଣ କାହିଁକି ମୋତେ ସେହି ଦୁଷ୍ଟ ପାଖରେ ଛାଡ଼ି ଚାଲିଆସିଲେ ? ସନ୍ଥ କହିଲେ, ଯେପର୍ଯ୍ୟନ୍ତ ଆପଣ ଏକୁଟିଆ ଥିଲେ, ମୁଁ ଆପଣଙ୍କ ସହ ଥିଲି। ହେଲେ ଆପଣ ଗାଳିକୁ ଯେବେ ଗାଳିର ସାହାରା ନେଲେ ଓ ସେହି ବ୍ୟକ୍ତିଙ୍କୁ ମାରିବା ଲାଗି ଧମକ ଦେଲେ, ମୁଁ ଭାବିଲି ଯେ ଏବେ ତ' ହିଂସା ଆପଣଙ୍କ ସାଥୀରେ ଅଛି। ସେପରି ସ୍ଥିତିରେ ମୋର ଆବଶ୍ୟକତା କ'ଣ ? ସେଥିପାଇଁ ମୁଁ ଫେରିଆସିଲି। ସନ୍ଥଙ୍କ କଥା ଶୁଣି ସାଧକ ନିଜର ଭୁଲ ବୁଝିପାରିଲେ। ସେ ବୁଝିପାରିଲେ ଯେ ଗାଳିର ଜବାବ ଗାଳିରେ ଦେବା ପ୍ରକୃତ ସାଧକର ଧର୍ମ ନୁହେଁ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଏକ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ବେଶ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତୁଳସୀପୁର ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ଚିନ୍ମୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଜ୍ଞାନକୌଶଳ ଓ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପିଲାମାନଙ୍କଠାରୁ ପଚାରି ବୁଝିଥିଲେ । ସେମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ମେଳାରେ ବିଚାରକ ଭାବେ କୋଣାର୍କ ନୂଆଗାଁ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଶିକ୍ଷକ ମାନସ ମୁଦୁଲି, ତେରୁଞ୍ଚିଆ ନିଗମାନନ୍ଦ ହାଇସ୍କୁଲର ଶିକ୍ଷକ ବୁଦ୍ଧନାଥ ପ୍ରଧାନ ଏବଂ ଅମରେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଚାଳନା କମିଟିର ସଭାପତି ଦିଙ୍ଗବର ମୁଦୁଲି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପୁଷ୍ପାଳକ ଏବଂ ବିଜ୍ଞାନ ପ୍ରମୁଖ ଦିଲୀପ କୁମାର ରାଉତ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚକ୍ରବର୍ତ୍ତୀ, ଦୀପକ ଦାସ, ବନମାଳୀ ରାଉତ, ନିରଞ୍ଜନ ସେନ, ଏବଂ କମଳ ଲୋଚନ ବାରିକ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

ନବୀନ ଓ ସୁଜାତାଙ୍କୁ ଭେଟିଲେ ବିସିଜେଡି ବିଜୟୀ ଛାତ୍ର ନେତା

ହିଞ୍ଜିଳିକାଟୁ,(ନିପ୍ର): ଗତ ଡିସେମ୍ବର ୧୫ ତାରିଖରେ ଅନୁଷ୍ଠିତ ହୋଇଥିବା ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ତରଫରୁ ୧୦ ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ। ସେଥିରୁ ୯ ଜଣ ପ୍ରାର୍ଥୀ ବିଜୟୀ ହୋଇ ବିଜୁ ଛାତ୍ର ଜନତା ଦଳର ଗୌରବମଣ୍ଡନ କରିଥିଲେ। ଗୁରୁବାର ବିଜୟୀ ଛାତ୍ର ନେତା ଓ ନେତ୍ରୀଙ୍କ ସମେତ ବିଜୟର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ଛାତ୍ର ନେତାମାନେ ଭୁବନେଶ୍ୱର ଗସ୍ତ କରି ନବୀନ ନିବାସରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଜେନ- ଜି ଛାତ୍ର ଓ ଛାତ୍ର ନେତାଙ୍କୁ ନବୀନ ବାବୁ ବିଜୟୀ ଶୁଭେଚ୍ଛା ଜଣାଇ ସୁବିଧା ଅସୁବିଧା ବିଷୟରେ ପଚାରିଥିଲେ। ନିର୍ବାଚିତ ପ୍ରତିନିଧିମାନେ କହିଥିଲେ ଯେ, ନିର୍ବାଚନ ସମୟରେ ଶାସକ ଦଳର ଛାତ୍ର ସଂଗଠନ ଏବିଭିପି ଲିଙ୍ଗଡୋ କମିଶନର ଧଜିଆ ଉଡ଼ାଇବା ସହ କିଛି ଅଧ୍ୟାପକ ଶାସକ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଶେଷରେ ଶାସକକୁ ସନ୍ତୁଷ୍ଟ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ଏବିଭିପି ସମର୍ଥିତ ସଭାପତି ପ୍ରାର୍ଥୀନୀଙ୍କୁ ବିଜୟୀ ଘୋଷଣା କରିଥିଲେ। ଏହି ଅନ୍ୟାୟ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିବା ପାଇଁ ନବୀନ ବାବୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରନେତା ମାନେ ବିଜେଡିର ବରିଷ୍ଠ ନେତ୍ରୀ ସୁଜାତା ରାଉତଙ୍କ ସହ ସାକ୍ଷାତ କରିଥିଲେ। ସାକ୍ଷାତ ବେଳେ ବରିଷ୍ଠ ନେତ୍ରୀ ଶ୍ରୀମତୀ ରାଉତ ଛାତ୍ର ନେତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସାକ୍ଷାତକାର ସମୟରେ ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଛାତ୍ରନେତା କେଶବ ମହାରଣା, ପ୍ରଭାତ କୁମାର ମହାରଣା, ସୁମିତ ପାଣିଗ୍ରାହି, ଉପ ସଭାପତି ଶୁଭମ୍ ସାହୁ, ସମ୍ପାଦକ ପପୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚମ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଠାରେ ମନ୍ଦାକିନୀ ବୋଇତ ବନ୍ଦାଣ କମିଟି ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ହୋଇଯାଇଅଛି । କମିଟିର ସଭାପତି ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଓଡିଶା ଗ୍ରୀନ ଆର୍ମି ଅଧ୍ୟକ୍ଷ ଡ଼ ଦିଲୀପ ଶ୍ରୀଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ନଭେମ୍ବର ୨୪ ତାରିଖ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ କିପରି ସରସ ସୁନ୍ଦର କରାଯାଇ ଅଧିକ ସଂଖ୍ୟାରେ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରାଯାଇପାରିବ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଇଞ୍ଜିନିୟର ବିଶ୍ୱ ମୋହନ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଫାଇନାନ୍ସ ସିଓଓ ସମାଜସେବୀ ଡ଼ ସଞ୍ଜୟ ପଟ୍ଟନାୟକ, କମିଟି ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ, ଜଙ୍କିଆର ସମାଜସେବୀ କୃଷ୍ଣଚନ୍ଦ୍ର ନରେନ୍ଦ୍ର, ବିଜୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।

ନୀଳାଚଳ ଆଦର୍ଶ ଶିକ୍ଷାଶ୍ରମରେ ବିଜ୍ଞାନ ମେଳା

ପିପିଲି,(ନିପ୍ର): ପିପିଲି ଅଧୀନ ରଥପୁରୁଷୋତ୍ତମପୁର ପଞ୍ଚାୟତ ନୂଆହାଟ ଠାରେ ଥିବା ନୀଳାଚଳ ଆଦର୍ଶ ଶିକ୍ଷାଶ୍ରମରେ ଶନିବାର ଶିଶୁ ଦିବସ ଭଳି ୨ୟ ବାର୍ଷିକ ବିଜ୍ଞାନ ମେଳା ଆନୁଷ୍ଠାନିକ ଭାବରେ ଅନୁଷ୍ଠିତ ହୋଇଅଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ରଥପୁରୁଷୋତ୍ତମପୁର ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ପୋଲାଇ,ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ସାହୁ , ନିମନ୍ତ୍ରିତ ଅତିଥି ଭାବରେ ସିଆରସିସି ଭଗବାନ ସାହୁ , ପୂର୍ଣ୍ଣ ଚନ୍ଦ୍ର ବେହେରା,ପିପିଲି ଓ ବଳଙ୍ଗା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଦିବାକର ପ୍ରଧାନ,ଭାଗୀରଥୀ ପଣ୍ଡିତ ଯୋଗଦେଇ ଥିଲେ । ଅତିଥିମାନେ ନିଜନିଜର ବକ୍ତବ୍ୟ ପ୍ରଦାନରେ ଶିଷ୍ଟାର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରି ଉପସ୍ଥିତ ଥିବା ସମସ୍ତ ଗୁରୁ ଏବଂ ଗୁରୁମାଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ପ୍ରଶଂସା କରିଥିଲେ ।

ପୁରୁଣା ରାସ୍ତା ଉପରେ ନୂଆ କଂକ୍ରିଟ୍ ଢଳାଇ

ନିର୍ମାଣର ମାନ ଓ ସ୍ୱଚ୍ଛତାକୁ ନେଇ ବଢୁଛି ସନ୍ଦେହ

ନୟାଗଡ,(ନିପ୍ର): ଗ୍ରାମାଞ୍ଚଳରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଓ ଉତ୍ତମ ପରିବହନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ରାସ୍ତା ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତେବେ ନୟାଗଡ଼ ବ୍ଲକ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣାଧୀନ ଇଟାମାଟି–ବାଲିକୁଦିଆ ରାସ୍ତାର ନିର୍ମାଣ ପଦ୍ଧତି, କାର୍ଯ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି।

ଏହି ରାସ୍ତାଟି ନୟାଗଡ଼ ବ୍ଲକ ଗଦା ଧରପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦିଆ ଗ୍ରାମକୁ ଇଟାମାଟି ସହ ସଂଯୋଗ କରିବା ସହିତ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ-୫୬କୁ ଯୋଗାଯୋଗର ସୁବିଧା ପ୍ରଦାନ କରୁଛି। ଇଟାମାଟି, ଡେଙ୍ଗେରାଗୋଡ଼ି ଓ ବାଲିକୁଦିଆ ଅଞ୍ଚଳର ଲୋକଙ୍କ ପାଇଁ ଏହି ରାସ୍ତା ଗୁରୁତ୍ୱ ବହନ କରେ। ତେଣୁ ଏହାର ନିର୍ମାଣ ସରକାରଙ୍କ ନିର୍ଦ୍ଧାରିତ ସମୟରେ ବୈଷୟିକ ମାନଦଣ୍ଡ ଅନୁଯାୟୀ ହେବା ସହ ଦୀର୍ଘସ୍ଥାୟୀ ହେବା ଆବଶ୍ୟକ।



ପୁରୁଣା ରାସ୍ତା ଉପରେ କଂକ୍ରିଟ୍ ଢଳାଇକୁ ନେଇ ପ୍ରଶ୍ନ। ନିର୍ମାଣ କାର୍ଯ୍ୟ ସମୟରେ ପୂର୍ବରୁ ଥିବା ସିମେଣ୍ଟ କଂକ୍ରିଟ୍ ରାସ୍ତା ଉପରେ ସିଧାସଳଖ ନୂତନ କଂକ୍ରିଟ୍ ଢଳାଯାଉଥିବା ନେଇ ପ୍ରଶ୍ନ ଉଠିଛି। ଯଦି ପୁରୁଣା ରାସ୍ତାର ଅବସ୍ଥା ଭଲ ଥିଲା, ତେବେ ତାହା ଉପରେ ପୁଣି ନୂତନ କଂକ୍ରିଟ୍ ଢଳାଇବାର ଆବଶ୍ୟକତା କାହିଁକି ପଡ଼ିଲା ? ଏଥିପାଇଁ ଆବଶ୍ୟକ ବୈଷୟିକ ଅନୁମୋଦନ ନିଆଯାଇଥିଲା କି ? ନୂତନ ନିର୍ମାଣ ପୂର୍ବରୁ ପୁରୁଣା ରାସ୍ତାର ସ୍ଥିତି ଯାଞ୍ଚ କରାଯାଇଥିଲା କି ? ଏଭଳି ଅନେକ ପ୍ରଶ୍ନର ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ଆବଶ୍ୟକ।

ତେବେ ପୁରୁଣା ରାସ୍ତା ଉପରେ ନୂତନ କଂକ୍ରିଟ୍ ଢଳାଇ କରିବା ସବୁ କ୍ଷେତ୍ରରେ ଭୁଲ୍ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଏଥିପାଇଁ ଉପଯୁକ୍ତ ବୈଷୟିକ ଯାଞ୍ଚ, ଅନୁମୋଦିତ ଡିଜାଇନ୍ ଓ ନିର୍ଦ୍ଧାରିତ ନିର୍ମାଣ ମାନଦଣ୍ଡ ପାଳନ ହେବା ଅତ୍ୟନ୍ତ ଜରୁରୀ। ଠିକ୍ ଭାବେ ପୁରୁଣା ରାସ୍ତାର ସ୍ଥିତି ଆକଳନ ଓ ଆବଶ୍ୟକ ପ୍ରସ୍ତୁତି ନକରି ନୂତନ କଂକ୍ରିଟ୍ ଢଳାଗଲେ ଭବିଷ୍ୟତରେ ଫାଟ ସୃଷ୍ଟି, ଦୁଇଟି କଂକ୍ରିଟ୍ ସ୍ତର ମଧ୍ୟରେ ବିଚ୍ଛିନ୍ନତା ଓ ଅନ୍ୟାନ୍ୟ ତ୍ରୁଟି ଦେଖାଦେବାର ଆଶଙ୍କା ରହିଛି।

ପ୍ରକଳ୍ପ ସୂଚନା ଫଳକର ତଥ୍ୟ ଯାଞ୍ଚ ଜରୁରୀ

ନିର୍ମାଣ ସ୍ଥଳରେ ଲାଗିଥିବା ସୂଚନା ଫଳକରେ କଂକ୍ରିଟ୍ ରାସ୍ତା ନିର୍ମାଣ ସମ୍ପର୍କିତ କେତେକ ତଥ୍ୟ ଉଲ୍ଲେଖ ରହିଛି। ଫଳକରେ ପଢ଼ିବାକୁ ମିଳୁଥିବା ତଥ୍ୟ ଅନୁଯାୟୀ, ସେଥିରେ ଏମ୍ ୩୦ ଗ୍ରେଡ୍ କଂକ୍ରିଟ୍ ସହିତ ୧୦୭୦.୦୫ ଘନମିଟର ଓ ୯୬୩.୦୫ ଘନମିଟର ପରିମାଣ ଉଲ୍ଲେଖ ରହିଛି।

ତେବେ ଫଳକରେ ଥିବା ସମସ୍ତ ତଥ୍ୟ ସ୍ପଷ୍ଟ ଭାବେ ପଢ଼ି ଯାଞ୍ଚ କରିବା ସମ୍ଭବ ହୋଇନଥିବାରୁ ଉକ୍ତ ପରିମାଣ କେଉଁ ସାମଗ୍ରୀ କିମ୍ବା କେଉଁ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ, ତାହା ସରକାରୀ ରେକର୍ଡରୁ ସ୍ପଷ୍ଟ କରିବା ଆବଶ୍ୟକ। ଏହି ପ୍ରକଳ୍ପର ଅନୁମୋଦିତ ଅଟକଳ, ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ, କଂକ୍ରିଟ୍‌ର ମୋଟେଇ, ବ୍ୟବହୃତ ନିର୍ମାଣ ସାମଗ୍ରୀର ପରିମାଣ, ଗୁଣବତ୍ତା ଯାଞ୍ଚ ରିପୋର୍ଟ ଏବଂ କାର୍ଯ୍ୟ ସମାପ୍ତିର ନିର୍ଦ୍ଧାରିତ ତାରିଖ ସାର୍ବଜନୀନ କରାଗଲେ ଏହି ପ୍ରକଳ୍ପକୁ ନେଇ ଉପୁଜିଥିବା ସନ୍ଦେହ ଦୂର ହୋଇପାରିବ।

ସମ୍ପୃକ୍ତ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ନିର୍ମାଣ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ମାନ ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ କଂକ୍ରିଟ୍ ନମୁନା ସଂଗ୍ରହ କରି ଗୁଣବତ୍ତା ପରୀକ୍ଷାର ବ୍ୟବସ୍ଥା କରିବା ଉଚିତ।

ଏଥିସହ ପ୍ରକଳ୍ପ ପାଇଁ ମୋଟ କେତେ ଟଙ୍କା ଅନୁମୋଦନ ହୋଇଛି, କେଉଁ ଠିକାଦାର ନିର୍ମାଣ କାର୍ଯ୍ୟ କରୁଛନ୍ତି, କେଉଁ ଅଧିକାରୀମାନେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଅଛନ୍ତି ଏବଂ ଗୁଣବତ୍ତା ନିର୍ଦ୍ଧାରଣ ପାଇଁ କେଉଁ ମାନଦଣ୍ଡ ଅନୁସରଣ କରାଯାଉଛି, ସେ ସମ୍ପର୍କରେ ବିଭାଗ ସ୍ପଷ୍ଟ ତଥ୍ୟ ପ୍ରଦାନ କରିବା ଆବଶ୍ୟକ ବୋଲି କୁହାଯାଇଛି।

ବେଆଇନ କାର୍ଯ୍ୟକଳାପ ରୋକିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବୌଦ୍ଧ,(ନି.ପ୍ର) ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସଭାଭବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ରାଜସ୍ୱ ଆଦାୟକାରୀ ବିଭାଗର କାର୍ଯ୍ୟଦକ୍ଷତା, ରାଜସ୍ୱ ସଂଗ୍ରହର ଅଗ୍ରଗତି ଓ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ।

ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର ୨୦୨୬ ସୁଦ୍ଧା ଷ୍ଟାମ୍ପ ଶୁଳ୍କ ଓ ପଞ୍ଜୀକରଣ ଶୁଳ୍କ ବାବଦରେ ମୋଟ ୫ କୋଟି ୫୧ ଲକ୍ଷ ୮୮ ହଜାର ଟଙ୍କା ଆଦାୟ ହୋଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୮ କୋଟି ୧୮ ଲକ୍ଷ ୫୨ ହଜାର ୫୬ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ୨୧ କୋଟି ୯୦ ଲକ୍ଷ ୨୧ ହଜାର ଟଙ୍କା ଆଦାୟ ହୋଇଛି, ଯାହା ବାର୍ଷିକ ଲକ୍ଷ୍ୟର ପ୍ରାୟ ୪୮ ପ୍ରତିଶତ। ସେହିପରି ଖଣି ବିଭାଗ ପକ୍ଷରୁ ୩୩ ଲକ୍ଷ ୬୭ ହଜାର ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବାବେଳେ ତହସିଲଦାରମାନଙ୍କ ମାଧ୍ୟମରେ ୧୪ କୋଟି ୫୭ ଲକ୍ଷ ୯୯ ହଜାର ଟଙ୍କା ରାଜସ୍ୱ ଜମା କରାଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ୯ ଲକ୍ଷ ୪୩ ହଜାର ୨୪୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ଜିଲ୍ଲାରେ ଏପର୍ଯ୍ୟନ୍ତ ୩୮,୬୬୯ ଜଣ କୃଷକ ଏଗ୍ରିଷ୍ଟାକ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିଛନ୍ତି। ସମୀକ୍ଷା ସମୟରେ ଜିଲ୍ଲାପାଳ ଶ୍ରୀ ନାୟକ ଧାର୍ଯ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହୋଇନଥିବା ବିଭାଗଗୁଡ଼ିକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ଆଦାୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ସଂଗ୍ରହ କେବଳ ଲକ୍ଷ୍ୟ ପୂରଣରେ ସୀମିତ ନ ରହି ରାଜସ୍ୱ ଫାଙ୍କି ଓ କ୍ଷତିକୁ ରୋକିବା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ। ବେଆଇନ ଖଣିଜ ଉତ୍ତୋଳନ, ଅବୈଧ ଅବକାରୀ ସାମଗ୍ରୀ ଚାଲାଣ ଓ ଅନ୍ୟାନ୍ୟ ରାଜସ୍ୱ କ୍ଷତିକାରକ କାର୍ଯ୍ୟକଳାପ ରୋକିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ନିୟମିତ ଯାଞ୍ଚ ଓ କଡ଼ା ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାର ଆର୍ଥିକ ପ୍ରଗତିକୁ ସୁଦୃଢ଼ କରିବା ସହ ରାଜସ୍ୱ ସଂଗ୍ରହରେ ସ୍ୱଚ୍ଛତା, ଦକ୍ଷତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା।

ଛୁଟି ଦିନରେ ମଧ୍ୟ ବ୍ୟାଙ୍କ ସେବା, ବରିଷ୍ଠ ଓ ଅସୁସ୍ଥ ପେନସନଭୋଗୀଙ୍କୁ ମିଳୁଛି ଆଶ୍ୱସ୍ତି

ରାୟଗଡା,(ନିପ୍ର): ବରିଷ୍ଠ ନାଗରିକ, ବାର୍ଦ୍ଧକ୍ୟଜନିତ ଅସୁସ୍ଥ ତଥା ଚଳପ୍ରଚଳ କରିବାରେ ଅସମର୍ଥ ପେନସନଭୋଗୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୁଣପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ୟାଙ୍କ କର୍ମଚାରୀମାନେ ପେନସନଭୋଗୀଙ୍କ ଘରେ ପହଞ୍ଚି ସେମାନଙ୍କର ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ସଂଗ୍ରହ କରୁଛନ୍ତି। ଏହି ସେବା ଯୋଗୁଁ ବୟସାଧିକ୍ୟ ଓ ଅସୁସ୍ଥତା କାରଣରୁ ବ୍ୟାଙ୍କକୁ ଯାଇପାରୁ ନଥିବା ପେନସନଭୋଗୀଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ଏପରିକି ଛୁଟି ଦିନରେ ମଧ୍ୟ ବ୍ୟାଙ୍କ ପକ୍ଷରୁ ଏହି ସେବା ଜାରି ରହିଛି ବୋଲି ବ୍ୟାଙ୍କର ସିନିୟର ମ୍ୟାନେଜର ସୁରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଏହି ଜନହିତକର ସେବା ଯୋଗାଇବାରେ ବ୍ୟାଙ୍କର ବରିଷ୍ଠ କର୍ମଚାରୀ ଏସ୍. ମୋହନ ସହଯୋଗ କରୁଥିବା ଜଣାପଡ଼ିଛି। ବ୍ୟାଙ୍କର ଏଭଳି ଗ୍ରାହକ-ଅନୁକୂଳ ଓ ମାନବିକ ପଦକ୍ଷେପ ଦ୍ୱାରା ଅନେକ ବରିଷ୍ଠ ନାଗରିକ ଉପକୃତ ହେଉଥିବାବେଳେ ଗୁଣପୁର ଅଞ୍ଚଳରେ ଏହାକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଧାମନଗର,(ନିପ୍ର): ଧାମନଗର ବ୍ଲକ, ଧୁଷୁରୀ ଓ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୩୧୬୩ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଏଥିସହ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ , 'ବନ୍ଧୁ' ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଧାମନଗର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ। ନୂତନ ଭାବେ ଯୋଜନାରେ ସାମିଲ ହୋଇଥିବା ୩୧୬୩ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେହିପରି ବିଭିନ୍ନ ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇ ଥି

চাঁদা: (বছরে): ৩৬০ টাকা ৯৫ টাকা ৩ মাস
প্রতি কপি: ৩৫ টাকা

শারদ পত্রিকা

নিশুতি কাকাতুয়া

চাঁদ যখন ঝুলে ছিল নারকেল গাছের মাথায়, তখন সারা গ্রামে কোনো শব্দ ছিল না। শুধু মাঝে মাঝে শোনা যেত কাকাতুয়াদের ডানা ঝাপটানি। তাদের সাদা পালকে জ্যোৎস্না পড়ে তারা যেন আলো দিয়ে তৈরি।

গ্রামের শেষ মাথায় ছিল একটা পুরোনো আমগাছ। সেখানে থাকত ছোট্ট একটা কাকাতুয়া, যার নাম সবাই ডাকত ‘টিয়া’। আসলে তার নাম ছিল অন্য কিছু, কিন্তু সে নিজেই নিজেকে টিয়া বলে ডাকত। কারণ সে সবুজ রঙের টিয়াদের সঙ্গে বড় হয়েছিল।

টিয়ার ডানায় সাদা রঙ, মাথায় হলুদ ঝুঁটি আর লাল গাল। সে অন্য কাকাতুয়াদের মতো উঁচু গলায় ডাকতে পারত না। তার গলা ছিল মিহি, যেন কেউ কাচের চুড়ি বাজাচ্ছে। তাই সে কখনো চিৎকার করত না।

রাতে যখন সবাই ঘুমিয়ে পড়ত, টিয়া একা একা জেগে থাকত। সে ভাবত, চাঁদের ভেতর কে বসে আছে? নদীর জলে কেন ঢেউ ওঠে? আর মানুষ কেন এত তাড়াহুড়ো করে?

একদিন রাতে টিয়া দেখল, নদীর ওপার থেকে একটা নৌকা আসছে। নৌকায় কোনো মাঝি ছিল না। ছিল শুধু কিছু ফুল আর একটা ছোট্ট মাটির প্রদীপ। নৌকাটা ধীরে ধীরে গ্রামের ঘাটে এসে থামল।

টিয়া ভয় পেল না। সে উড়ে গিয়ে নৌকার কিনারে বসল। তখন সে শুনতে পেল, কেউ একজন কাঁদছে। কান্নাটা এত করুণ ছিল যে টিয়ার বুকের ভেতরটা কেমন করে উঠল।

সে ঠোঁট দিয়ে ফুলগুলো সরিয়ে দেখল, নৌকার মাঝখানে বসে আছে একটা ছোট মেয়ে। তার চোখ দুটো লাল, গাল ভেজা। মেয়েটি ফিসফিস করে বলছিল, “আজ আমার জন্মদিন ছিল। কেউ মনে রাখেনি।”

টিয়া আস্তে আস্তে মেয়েটির কাঁধে বসল। মেয়েটি অবাক হয়ে তাকাল। তারপর হাসল। সেই হাসি দেখে টিয়ার মনে হলো, পৃথিবীর সব দুঃখ বুঝি এত সুন্দর করেই তৈরি।

সে ডাকল। এবার তার ডাক মিহি নয়, বরং পরিষ্কার আর মিষ্টি। সেই ডাক শুনে গ্রামের অন্য কাকাতুয়ারা জেগে উঠল। তারা একসঙ্গে ডাকতে লাগল। তাদের ডাকে নদীর ঢেউ যেন নাচতে শুরু করল।

মেয়েটি অবাক হয়ে হাসল। তার চোখের জল শুকিয়ে গেল। সে ফিসফিস করে বলল, “তোমরা আমার বন্ধু হয়ে গেলে।”

সেদিন থেকে টিয়া আর একা ছিল না। তার সঙ্গে ছিল নতুন বন্ধুরা। আর নৌকার মেয়েটি? সে প্রতি বছর নিজের জন্মদিনে ফুল নিয়ে আসত, আর টিয়া তার জন্য গান গাইত।

ঘাটে ভাসানো চাঁদ

চাঁদ ভাসছে ঘাটে ঘাটে, ছোট্ট নৌকা দোলে,
মাঝি নেই কোনো হাতে, বৈঠা পড়ে জলে।

ফুল আছে ঝুড়ি ভরা, প্রদীপ আছে সাথে,
কে যাবে ওপার দেশে, কেউ বলে না তাতে।

ঢেউ এসে ছুঁয়ে যায়, ফিসফিস করে কয়,
“ফিরে এসো আবার”—কিন্তু কেউ ফেরে নয়।

জলে ভাসে আলো-ছায়া, কাঁপে তারার মালা,
যে গেছে সে আর আসে না, এই তো জলের খেলা।

ছড়া ও কবিতা

ঢাকায় ভূমিকম্প

ঢাকায় ভূমিকম্প হলো, ভাবতে ভুল ইচ্ছা
ঘুমের ভেতর মনে হলো, বিছানা দিচ্ছে দোলা।
ফ্যানগুলো নড়ছে জোরে, বাতি করে ঝিলিক,
ভাবলাম বুঝি শেষ হলো আমার এই জীবনটিক!
দৌড়ে নামি সিঁড়ির দিকে, লিফট তখন বন্ধ,
পাশের ফ্ল্যাটের আন্টি বলেন, “ভয়ে আমার কান্ধ!”
কেউ ডাকে আল্লাহ বলে, কেউ ডাকে মাকে,
আমি ভাবি পরীক্ষাটা আজ দিতে হবে নাকে।
কাঁপন থামে, ধুলো নামে, ফিরে আসে শ্বাস,
বুঝলাম আজ বেঁচে গেছি, এটাই বড় আশ্বাস।
এখন ভাবি, ভূমিকম্প এলে একটা কাজ করি,
ঘুমের আগে ব্যাগটা নিয়ে নিচে নেমে পড়ি।

ভোরের কাক

ভোর না হতে কাক ডাকে, ঘুম ভাঙে তার সুরে,
জানালা খুলে দেখি আমি, আলো ফোটে দূরে।
কা-কা করে সারা পাড়া, কেউ শোনে কেউ না,
তবু সে ডাকে প্রতিদিন, তার কোনো ভুল হয় না।
উঠোনে সে খুঁজে বেড়ায় ভাতের কণা যত,
ভাগ করে না কারো সাথে, নিজেই খায় অবিরত।
সন্ধ্যা নামে, কাক ফিরে যায় বাসার ডালে,
সারা দিনের ক্লান্তি নিয়ে ঘুমিয়ে পড়ে কালে।

নদীর ধারে

নদীর ধারে বসে আছি, একলা আমি একা,
ঢেউ গুনি আর ভাবি কত, কোথায় যাবে রেখা।
জলের বুকে ভাসে তরী, কেউ যায় দূর গাঁয়ে,
কেউ ফিরে আসে সাঁঝে, কেউ হারায় ছায়ে।
মাঝি গায় ভাটিয়ালি সুর, বাতাস বহে ধীরে,
মনে হয় সব কথা যেন, বলে দিই নীরে।
নদী কিছু বলে না কারে, সব কথা রাখে বুকে,
তাই তো মানুষ আসে বারে বারে, তার কাছে সুখে-দুখে।

ঘুড়ি

নীল আকাশে ঘুড়ি ওড়ে, লাল সুতোয় টান,
ছাদে দাঁড়িয়ে দেখি আমি, ভুলে যাই সব কাজ।
কখনো ঘুড়ি কাটে কারো, কখনো নিজে কাটা,
দুটোই সমান আনন্দ দেয়, নেই কোনো খাঁটা।
সন্ধ্যা নামে, সুতো গুটাই, ঘুড়ি রাখি তাকে,
কাল আবার উড়ব বলে, মনে মনে ডাকে।

বৃষ্টি

টিপ টিপ বৃষ্টি পড়ে, ভিজে যায় মাটি,
ছাতা নিয়ে বের হই, সঙ্গে আমার সাথি।
কদম ফুটে গাছে গাছে, ব্যাঙ ডাকে পুকুরে,
মা বলেন, “ঘরে আয়, ঠান্ডা লাগবে দূরে।”
কিন্তু আমি শুনি না তা, ভিজতে ভালোবাসি,
বৃষ্টি আমার বন্ধু যেন, সবচেয়ে কাছের হাসি।

ঝড়ের রাত

ঝড় এসেছে রাতের বেলা, জানালা কাঁপে জোরে,
মা বলেন, “ভয় পেয়ো না, আমি আছি ঘরে।”
বিদ্যুৎ চমকায় আকাশে, মেঘ ডাকে গুরুগুরু,
আমি ভাবি, কাল সকালে কী কী হবে শুরু।
গাছের ডাল দোলে বাতাসে, পাখিরা সব চুপ,
ঝড় থেমে যায় ভোর হতেই, ফুটে ওঠে রোদ।

ঈদের সকাল

ঈদের সকাল এলো আজ, সবার মুখে হাসি,
নতুন জামা পরে আমি, বাজাই খুশির বাঁশি।
সেমাই খাই মায়ের হাতে, চাচার বাড়ি যাই,
সালাম করি বড়দের, সবার দোয়া চাই।
ঈদগাহে সব মানুষ মিলে, পড়ি নামাজ ভাই,
এক সাথে সিজদা দিয়ে, ভুলে যাই সব ভুল।
ঈদ মানে শুধু খাওয়া নয়, ঈদ মানে ভালোবাসা,
সবার সাথে মিলেমিশে, থাকা আর হাসা।

ঘুড়ি

নীল আকাশে ঘুড়ি ওড়ে, লাল সুতোয় টান,
ছাদে দাঁড়িয়ে দেখি আমি, ভুলে যাই সব কাজ।
কখনো ঘুড়ি কাটে কারো, কখনো নিজে কাটা,
দুটোই সমান আনন্দ দেয়, নেই কোনো খাঁটা।
সন্ধ্যা নামে, সুতো গুটাই, ঘুড়ি রাখি তাকে,
কাল আবার উড়ব বলে, মনে মনে ডাকে।

বৃষ্টি

টিপ টিপ বৃষ্টি পড়ে, ভিজে যায় মাটি,
ছাতা নিয়ে বের হই, সঙ্গে আমার সাথি।
কদম ফুটে গাছে গাছে, ব্যাঙ ডাকে পুকুরে,
মা বলেন, “ঘরে আয়, ঠান্ডা লাগবে দূরে।”
কিন্তু আমি শুনি না তা, ভিজতে ভালোবাসি,
বৃষ্টি আমার বন্ধু যেন, সবচেয়ে কাছের হাসি।

ঝড়ের রাত

ঝড় এসেছে রাতের বেলা, জানালা কাঁপে জোরে,
মা বলেন, “ভয় পেয়ো না, আমি আছি ঘরে।”
বিদ্যুৎ চমকায় আকাশে, মেঘ ডাকে গুরুগুরু,
আমি ভাবি, কাল সকালে কী কী হবে শুরু।
গাছের ডাল দোলে বাতাসে, পাখিরা সব চুপ,
ঝড় থেমে যায় ভোর হতেই, ফুটে ওঠে রোদ।

ঈদের সকাল

ঈদের সকাল এলো আজ, সবার মুখে হাসি,
নতুন জামা পরে আমি, বাজাই খুশির বাঁশি।
সেমাই খাই মায়ের হাতে, চাচার বাড়ি যাই,
সালাম করি বড়দের, সবার দোয়া চাই।
ঈদগাহে সব মানুষ মিলে, পড়ি নামাজ ভাই,
এক সাথে সিজদা দিয়ে, ভুলে যাই সব ভুল।
ঈদ মানে শুধু খাওয়া নয়, ঈদ মানে ভালোবাসা,
সবার সাথে মিলেমিশে, থাকা আর হাসা।

ছোটদের পাতা

নিশুতি কাকাতুয়া

চাঁদ যখন ঝুলে ছিল নারকেল গাছের মাথায়, তখন সারা গ্রামে কোনো শব্দ ছিল না। শুধু মাঝে মাঝে শোনা যেত কাকাতুয়াদের ডানা ঝাপটানি। তাদের সাদা পালকে জ্যোৎস্না পড়ে তারা যেন আলো দিয়ে তৈরি।

গ্রামের শেষ মাথায় ছিল একটা পুরোনো আমগাছ। সেখানে থাকত ছোট্ট একটা কাকাতুয়া, যার নাম সবাই ডাকত ‘টিয়া’। আসলে তার নাম ছিল অন্য কিছু, কিন্তু সে নিজেই নিজেকে টিয়া বলে ডাকত। কারণ সে সবুজ রঙের টিয়াদের সঙ্গে বড় হয়েছিল।

টিয়ার ডানায় সাদা রঙ, মাথায় হলুদ ঝুঁটি আর লাল গাল। সে অন্য কাকাতুয়াদের মতো উঁচু গলায় ডাকতে পারত না। তার গলা ছিল মিহি, যেন কেউ কাচের চুড়ি বাজাচ্ছে। তাই সে কখনো চিৎকার করত না।

রাতে যখন সবাই ঘুমিয়ে পড়ত, টিয়া একা একা জেগে থাকত। সে ভাবত, চাঁদের ভেতর কে বসে আছে? নদীর জলে কেন ঢেউ ওঠে? আর মানুষ কেন এত তাড়াহুড়ো করে?

একদিন রাতে টিয়া দেখল, নদীর ওপার থেকে একটা নৌকা আসছে। নৌকায় কোনো মাঝি ছিল না। ছিল শুধু কিছু ফুল আর একটা ছোট্ট মাটির প্রদীপ। নৌকাটা ধীরে ধীরে গ্রামের ঘাটে এসে থামল।

টিয়া ভয় পেল না। সে উড়ে গিয়ে নৌকার কিনারে বসল। তখন সে শুনতে পেল, কেউ একজন কাঁদছে। কান্নাটা এত করুণ ছিল যে টিয়ার বুকের ভেতরটা কেমন করে উঠল।

সে ঠোঁট দিয়ে ফুলগুলো সরিয়ে দেখল, নৌকার মাঝখানে বসে আছে একটা ছোট মেয়ে। তার চোখ দুটো লাল, গাল ভেজা। মেয়েটি ফিসফিস করে বলছিল, “আজ আমার জন্মদিন ছিল। কেউ মনে রাখেনি।”

টিয়া আস্তে আস্তে মেয়েটির কাঁধে বসল। মেয়েটি অবাক হয়ে তাকাল। তারপর হাসল। সেই হাসি দেখে টিয়ার মনে হলো, পৃথিবীর সব দুঃখ বুঝি এত সুন্দর করেই তৈরি।

সে ডাকল। এবার তার ডাক মিহি নয়, বরং পরিষ্কার আর মিষ্টি। সেই ডাক শুনে গ্রামের অন্য কাকাতুয়ারা জেগে উঠল। তারা একসঙ্গে ডাকতে লাগল। তাদের ডাকে নদীর ঢেউ যেন নাচতে শুরু করল।

মেয়েটি অবাক হয়ে হাসল। তার চোখের জল শুকিয়ে গেল। সে ফিসফিস করে বলল, “তোমরা আমার বন্ধু হয়ে গেলে।”

সেদিন থেকে টিয়া আর একা ছিল না। তার সঙ্গে ছিল নতুন বন্ধুরা। আর নৌকার মেয়েটি? সে প্রতি বছর নিজের জন্মদিনে ফুল নিয়ে আসত, আর টিয়া তার জন্য গান গাইত।

ঘাটে ভাসানো চাঁদ

চাঁদ ভাসছে ঘাটে ঘাটে, ছোট্ট নৌকা দোলে,
মাঝি নেই কোনো হাতে, বৈঠা পড়ে জলে।

ফুল আছে ঝুড়ি ভরা, প্রদীপ আছে সাথে,
কে যাবে ওপার দেশে, কেউ বলে না তাতে।

ঢেউ এসে ছুঁয়ে যায়, ফিসফিস করে কয়,
“ফিরে এসো আবার”—কিন্তু কেউ ফেরে নয়।

জলে ভাসে আলো-ছায়া, কাঁপে তারার মালা,
যে গেছে সে আর আসে না, এই তো জলের খেলা।

ছড়া ও কবিতা

ঢাকায় ভূমিকম্প

ঢাকায় ভূমিকম্প হলো, ভাবতে ভুল ইচ্ছা
ঘুমের ভেতর মনে হলো, বিছানা দিচ্ছে দোলা।
ফ্যানগুলো নড়ছে জোরে, বাতি করে ঝিলিক,
ভাবলাম বুঝি শেষ হলো আমার এই জীবনটিক!
দৌড়ে নামি সিঁড়ির দিকে, লিফট তখন বন্ধ,
পাশের ফ্ল্যাটের আন্টি বলেন, “ভয়ে আমার কান্ধ!”
কেউ ডাকে আল্লাহ বলে, কেউ ডাকে মাকে,
আমি ভাবি পরীক্ষাটা আজ দিতে হবে নাকে।
কাঁপন থামে, ধুলো নামে, ফিরে আসে শ্বাস,
বুঝলাম আজ বেঁচে গেছি, এটাই বড় আশ্বাস।
এখন ভাবি, ভূমিকম্প এলে একটা কাজ করি,
ঘুমের আগে ব্যাগটা নিয়ে নিচে নেমে পড়ি।

ভোরের কাক

ভোর না হতে কাক ডাকে, ঘুম ভাঙে তার সুরে,
জানালা খুলে দেখি আমি, আলো ফোটে দূরে।
কা-কা করে সারা পাড়া, কেউ শোনে কেউ না,
তবু সে ডাকে প্রতিদিন, তার কোনো ভুল হয় না।
উঠোনে সে খুঁজে বেড়ায় ভাতের কণা যত,
ভাগ করে না কারো সাথে, নিজেই খায় অবিরত।
সন্ধ্যা নামে, কাক ফিরে যায় বাসার ডালে,
সারা দিনের ক্লান্তি নিয়ে ঘুমিয়ে পড়ে কালে।

নদীর ধারে

নদীর ধারে বসে আছি, একলা আমি একা,
ঢেউ গুনি আর ভাবি কত, কোথায় যাবে রেখা।
জলের বুকে ভাসে তরী, কেউ যায় দূর গাঁয়ে,
কেউ ফিরে আসে সাঁঝে, কেউ হারায় ছায়ে।
মাঝি গায় ভাটিয়ালি সুর, বাতাস বহে ধীরে,
মনে হয় সব কথা যেন, বলে দিই নীরে।
নদী কিছু বলে না কারে, সব কথা রাখে বুকে,
তাই তো মানুষ আসে বারে বারে, তার কাছে সুখে-দুখে

ସ୍ନେହ ଓ ଯତ୍ନରେ ଗଠିତ ହୋଇଥାଏ ଶିଶୁର ଭବିଷ୍ୟତ

ଭୁବନେଶ୍ୱର,୧୪।୧୧: ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନର ଗୁରୁତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରର ହରିନଗର ସ୍ଥିତ ମଇଁଷିଖାଲଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ 'କୋଟିଏ ହସ – ବାର୍ଷିକ ଶିଶୁ ମହୋତ୍ସବ ୨୦୨୬' ଆୟୋଜିତ ହୋଇଯାଇଛି । ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମେତ ଜିଲ୍ଲା ଓ ରାଜ୍ୟସ୍ତରରେ ଏକକାଳୀନ ଏହି ଉତ୍ସବ ପାଳନ କରାଯାଇଛି, ଯାହା ଆନନ୍ଦମୟ, ଖେଳ-ଭିତିକ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁ, ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନଙ୍କୁ ଏକାଠି କରିଛି । ସମସ୍ତଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ ଯେ, ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ସ୍ନେହ, ଯତ୍ନ, ମମତା ଏବଂ ସମ୍ପୃକ୍ତି ମାଧ୍ୟମରେ ହିଁ ତାର ଭବିଷ୍ୟତର ମୂଳଦୁଆ ଗଠିତ ହୋଇଥାଏ। ଶିଶୁର ଲାଳନପାଳନ ଉଭୟ ପିତାମାତାଙ୍କର ମିଳିତ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିବା ସହ ଶିଶୁ ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପିତାମାନଙ୍କୁ ଉତ୍ସାହିତ କରିଥିଲେ । ଶିଶୁମାନଙ୍କ ଭାବପ୍ରବଣ, ସାମାଜିକ ଏବଂ ବୌଦ୍ଧିକ ବିକାଶରେ ସହାୟକ ହେଉଥିବା ପାରମ୍ପରିକ ପ୍ରଥା ଯଥା- ନାନାବାୟା ଗୀତ, ଗପ କହିବା ଏବଂ ଆନନ୍ଦମୟ ଭାବବିନିମୟକୁ ସଂରକ୍ଷିତ ରଖିବାର ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ।

ଉତ୍ସାହ, ସୃଜନଶୀଳତା ଏବଂ ପାରିବାରିକ ଅଂଶଗ୍ରହଣରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ୦ ରୁ ୬ ବର୍ଷ ବୟସର ପ୍ରାୟ ୭୦୦ ଶିଶୁ ସେମାନଙ୍କର ପିତାମାତା ଏବଂ ଅଭିଭାବକଙ୍କ ସହ ଯୋଗ ଦେଇଥିଲେ। ଶିଶୁମାନଙ୍କର ଦୈନନ୍ଦିନ ଶିକ୍ଷଣ ଅନୁଭୂତିରେ ଅଭିଭାବକମାନଙ୍କୁ ସାମିଲ କରିବା ଉପରେ ଏହି କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଜନ୍ମରୁ-୩ ବର୍ଷର ଶିଶୁ ଏବଂ ୩-୬ ବର୍ଷର ପିଲାମାନଙ୍କ ପାଇଁ ପୃଥକ ପୃଥକ କାର୍ଯ୍ୟକଳାପ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକଳାପ କର୍ଣ୍ଣର ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଶିଶୁ, ଅଭିଭାବକ ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କ ସହ ଭାବବିନିମୟ କରିଥିଲେ ଏବଂ ଖେଳ ମାଧ୍ୟମରେ ଶିକ୍ଷାକୁ ଶିଶୁ ଲାଳନପାଳନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ପରିବାରବର୍ଗଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକଳାପ କର୍ଣ୍ଣରଗୁଡ଼ିକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସାମଗ୍ରୀ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା କିଟ୍, ଜେଜେବାପା-ଜେଜେମାଆଙ୍କ ଦ୍ୱାରା ପାରମ୍ପରିକ ନାନାବାୟା ଗୀତ ଓ ଗପ କହିବା, ପିତାମାନଙ୍କ ଦ୍ୱାରା ସ୍ଥାନୀୟ ତଥା ସ୍ୱଳ୍প ମୂଲ୍ୟର ସାମଗ୍ରୀ ବ୍ୟବହାର କରି ନିଜ ହାତରେ ଖେଳଣା ତିଆରି ଏବଂ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ବିକାଶ ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଶିଶୁମାନେ ଅଭିନୟ ଗୀତ, ନୃତ୍ୟ, ଗପ କହିବା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରି ସେମାନଙ୍କର ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସେମାନଙ୍କର ସଫଳତାକୁ ସ୍ୱୀକୃତି ଦେବା ସହ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ଘୱାଲ, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ଏବଂ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ମାନବ ଚାଲାଣ ନିରୋଧ ନେଇ ପ୍ରଶିକ୍ଷଣ

ମାଲକାନଗିରି,୧୪।୧୧ (ନିପ୍ର); ମାନବ ଚାଲାଣ ଭଳି ଏକ ଗୁରୁତର ସାମାଜିକ ଅପରାଧର ନିରାକରଣ, ପୀଡ଼ିତାଙ୍କ ଉଦ୍ଧାର, ସୁରକ୍ଷା ଓ ପୁନର୍ବାସ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ ଦିନିକିଆ ଜିଲ୍ଲାସ୍ତରୀୟ ମାନବ ଚାଲାଣ ନିରୋଧ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ପୋଲିସ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶ୍ରମ ବିଭାଗ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଅଂଶୀଦାର ବିଭାଗର ଅଧିକାରୀ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମାନବ ଚାଲାଣର ମୁଖ୍ୟ କାରଣ, ପ୍ରକାରଭେଦ, ଶିଶୁ ଓ ମହିଳା ଚାଲାଣ ରୋକିବାର ଉପାୟ ଏବଂ ସନ୍ଦିଗ୍ଧ ଘଟଣାର ଚିହ୍ନଟ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ ତ୍ୱରିତ ଉଦ୍ଧାର କାର୍ଯ୍ୟ, ଆଇନଗତ ବ୍ୟବସ୍ଥା ଏବଂ ପୀଡ଼ିତାଙ୍କ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଶେଷକରି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ, ଶିଶୁ ତଥା ମହିଳା ଚାଲାଣ ଭଳି ଘଟଣାକୁ ରୋକିବା ପାଇଁ ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମାନବ ଚାଲାଣ ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏହାର ସମୂଳ ନିରାକରଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ସନ୍ଦିଗ୍ଧ ଘଟଣା ନଜରକୁ ଆସିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଲକ୍ଷ୍ୟରେ ପ୍ରଶାସନ, ପୋଲିସ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

ଫକିର ବାବାଙ୍କ ଉର୍ସ ଉତ୍ସବ ନେଇ ଶାନ୍ତି କମିଟି ବୈଠକ

ତରଭା,୧୪।୧୧ (ନିପ୍ର); ଆସନ୍ତା ୨୨ ଓ ୨୩ ନଭେମ୍ବର ଦୁଇଦିନ ତରଭା ମସଜିଦରେ ହେବାକୁ ଥିବା ପ୍ରସିଦ୍ଧ ହଜରତ ସୟଦ ସାହ ଅବଦୁଲ ଶକୁର ରହମେତୁଲ୍ଲା ଆଲ୍ଲେହ ଉର୍ଫ ତରଭାୱାଲେ ଫକୀର ବାବାଙ୍କ ୪୪ ତମ ପବିତ୍ର ଉର୍ସ ଉତ୍ସବ ପାଳିତ ହେବ ।ଏହି ଉତ୍ସବକୁ ସୁଚାରୁ ଢଙ୍ଗରେ ପାଳନ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂ ଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ତରଭା ବ୍ଲକ ସମ୍ମିଳନୀ କକ୍ଷରେଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସିଂ ତାଙ୍କ ବକ୍ତବ୍ୟରେ ମୁଁ ଯାହା ଅନୁଧ୍ୟାନ କରିଛି ତରଭା ଫକୀର ବାବାଙ୍କ ଉର୍ସ ଉତ୍ସବରେ କୌଣସି ଅଘଟଣ ଘଟିନାହିଁ ଆଶାକରୁଛି ଆଗକୁ ମଧ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ଉତ୍ସବ ପାଳିତ ହେବ ।କାରଣ ଭାଇଚାରାର ଏହି ଛୋଟିଆ ସହରରେ ହିନ୍ଦୁମାନେ ମୁସଲମାନ ଭାଇ ମାନଙ୍କୁ ସହଯୋଗ କରି ଆସୁଛନ୍ତି ।ତାହାସତ୍ତ୍ୱେ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରତିକାରର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ । ବୈଠକରେ ଅତିରିକ୍ତ ଏସପି କେ କେ ହରିପ୍ରସାଦ,ଏସଡ଼ିପିଓ କଲ୍ୟାଣି ବେହେରା,ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ,ଉପନଗରପାଳ ଗଗନ ଅଗ୍ରୱାଲ,ବିଡ଼ିଓ ଶିବାନନ୍ଦ କର୍ମୀ, ତହସିଲଦାର ଶ୍ୱେତାଲିନା ମହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।ଏଥିରେ ଉର୍ସ ସମୟରେ ଆସୁଥିବା ଶ୍ରଦ୍ଧାଳୁଙ୍କ ରହିବା,ଖାଇବା ବ୍ୟବସ୍ଥା,ପାନୀୟ ଜଳ ଓ ନିରବିଚ୍ଛିନ୍ନ ବିଜୁଳି ଯୋଗାଣ,ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା,ତ୍ୱରିତ ଚିକିତ୍ସା ଉପଲବ୍ଧ କରାଇବାକୁ ନେଇ ଆଲୋଚନା କରାଯାଇଥିଲା । ବୈଠକରେ ମସଜିଦ ମଜାର କମିଟି ତରଫରୁ ୨୩ ତାରିଖ ଏକ ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ଘୋଷଣା କରାଯାଇଥିଲା ଏହାକୁ ସମସ୍ତେ ସ୍ୱାଗତ କରିଥିଲେ ।

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା

ମାଲକାନଗିରି,୧୪।୧୧(ନିପ୍ର): ଜାତୀୟ ପ୍ରେସ୍ ଦିବସ-୨୦୨୬ ପାଳନ ଅବସରରେ ମାଲକାନଗିରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମାଲକାନଗିରି ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଇ.ଏମ୍.ଏସ୍.ଟି ସ୍କୁଲ ପରିସରରେ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ ବିଷୟବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଏବଂ ମାଲକାନଗିରି ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ପକ୍ଷରୁ ପ୍ରଦତ୍ତ ବିଷୟବସ୍ତୁ 'ସରକାରୀ ନିୟନ୍ତ୍ରଣ ଅପେକ୍ଷା ଗଣମାଧ୍ୟମର ଆତ୍ମ ନିୟନ୍ତ୍ରଣ ଅଧିକ ପ୍ରଭାବଶାଳୀ ଅଟେ' ଉପରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ, ରାଜସ୍ୱ ବିଭାଗର କର୍ମଚାରୀ ସରୋଜ ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଶିକ୍ଷକ ଶିବୁ କୀର୍ତ୍ତନୀୟା ଯୋଗଦେଇ ପ୍ରତିଯୋଗୀମାନଙ୍କର ମୂଲ୍ୟାଙ୍କନ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଜେକ୍ଟନିଷ୍ଟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ନଭେମ୍ବର ୧୬ ତାରିଖରେ ପାଳିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ।

ସ୍ୱତନ୍ତ୍ର ଭୋଟର ସଂକ୍ଷିପ୍ତ ସଂଶୋଧନ ନେଇ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ବୈଠକ

ଭଦ୍ରକ,୧୪।୧୧ (ନିପ୍ର); ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୬ ଏବଂ ପୁନର୍ଗଠନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ (ସାଧାରଣ) ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ (ରାଜସ୍ୱ), ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରତିମା ନାୟକ , ଆସିଷ୍ଟାଣ୍ଟ କଲେକ୍ଟର ଶାଶ୍ୱତ ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଜିଲ୍ଲାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ସଂଶୋଧନ ପ୍ରକ୍ରିୟା ଚଳିତ ବର୍ଷ ନଭେମ୍ବର ମାସରୁ ଆରମ୍ଭ ହୋଇ ଜାନୁୟାରୀ ମାସ ପର୍ଯ୍ୟନ୍ତ ଚାଲିବ । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୨୬ ଜାନୁଆରୀ ୧ ସୁଦ୍ଧା ଯେଉଁମାନଙ୍କର ୧୮ ବର୍ଷ ବୟସ କିମ୍ବା ତା ଠାରୁ ଅଧିକ ହୋଇଥିବ ,ସେମାନେ ନୂତନ ଭୋଟର ଭାବରେ ନାମ ପଞ୍ଜୀକରଣ କରିପାରିବେ ।କାର୍ଯ୍ୟସୂଚୀ ଅନୁଯାୟୀ ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ଗଠନ ଓ ଯୁକ୍ତିଯୁକ୍ତକରଣ ୨୦.୧୧.୨୦୨୬ ସୁଦ୍ଧା ସରିବ। ୩୦ ନଭେମ୍ବରରେ ଖସଡ଼ା ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ସେଥିରୁ ଠାରୁ ୩୦ ଡିସେମ୍ବର ଯାଏଁ ନାମ ଯୋଗ, ବିୟୋଗ କିମ୍ବା ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୨୦୨୬ ଜାନୁୟାରୀ ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।ବୈଠକରେ ନିଷ୍ପତ୍ତି ଅନୁଯାୟୀ ଯେଉଁ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ରହିଛି, ସେଥିକୁ ଭାଙ୍ଗି ନୂତନ ବୁଥ୍ ଗଠନ କରାଯାଇଛି । ସେହି କ୍ରମରେ ବାସୁଦେବପୁରର ବୁଥ୍ ନଂ-୧୭୫ ମାଟିପକା ଏବଂ ଚାନ୍ଦବାଲିର ବୁଥ୍ ନଂ-୮୬ ହରିଚନ୍ଦନପୁର ଗ୍ରାମର ଦୁଇଟି ବୁଥ୍‌କୁ ଭଙ୍ଗାଯାଇ ଦୁଇଟି ନୂତନ ବୁଥ୍ କରାଯାଇଛି । ଏହା ସହିତ ଭୋଟର ପରିବାରର ସମସ୍ତ ସଦସ୍ୟଙ୍କ ନାମ ଯେପରି ଗୋଟିଏ ବୁଥ୍‌ରେ ରହିବ, ତାହା ସୁନିଶ୍ଚିତ କରାଯାଇଛି ।

ବାରବାଙ୍କ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

ରେଢ଼ାଖୋଲ,୧୪।୧୧ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ବାରବାଙ୍କ ଉଚ୍ଚ ବିଦ୍ୟାଳୟକୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମାଧ୍ୟମିକ ବିଦ୍ୟାଳୟ ଓ ବିଦ୍ୟାଳୟ ପରିଚାଳନା କମିଟି ବର୍ଗରେ ଦୁଇଟି ସମ୍ମାନଜନକ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁସ୍ମିତା ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ ବେହେରାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଫଳତା ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶିକ୍ଷାଦାନର ଗୁଣାତ୍ମକ ମାନ, ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମ ଏବଂ



ବିଦ୍ୟାଳୟ ପରିଚାଳନା କମିଟିର ସକ୍ରିୟ ସହଯୋଗର ପ୍ରତିଫଳନ। ଏହା ସହିତ ଅଭିଭାବକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ମଧ୍ୟ ବିଦ୍ୟାଳୟର ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସଫଳତା ଫଳରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା, ଗ୍ରାମବାସୀ ରେଢ଼ାଖୋଲ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସମ୍ମାନ ଭବିଷ୍ୟତରେ ବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଆହୁରି ଉନ୍ନତି ଓ ସଫଳତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ । ଏହା ସହିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସମ୍ବଲପୁର ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ରୂପେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆଶିଷ କୁମାର ସାହୁ ମଧ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି

'ଅରାଜକତା ହଟାଓ, ଗଣତନ୍ତ୍ର ବଞ୍ଚାଓ' ସ୍ଲୋଗାନରେ ବିଜେପିର ପଦଯାତ୍ରା

ମାଲକାନଗିରି,୧୪।୧୧ (ନିପ୍ର); ମାଲକାନଗିରି ବ୍ଲକ୍ ପଡ଼ିଆଠାରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ 'ଅରାଜକତା ହଟାଓ, ଗଣତନ୍ତ୍ର ବଞ୍ଚାଓ' ସ୍ଲୋଗାନକୁ ନେଇ ଏକ ସଭା ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇଥିବା ବେଳେ ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମୀ ଏବଂ ଜିଲ୍ଲା ପ୍ରଭାରୀ ଓ ରାଜ୍ୟ ଉପସଭାପତି ରମେଶ ସାହୁ,ସ୍ୱତନ୍ତ୍ର ଉନ୍ନୟନ ପରଷଦର ଅଧ୍ୟକ୍ଷ ଗଙ୍ଗା ସୋଢ଼ି ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ,ପୂର୍ବତନ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ଜିଲ୍ଲାସଭାପତି ନିମାଇ ପଲ୍ ,ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡମ୍ବରୁ ଶିଶା,ବାଲିମେଳା ଅଧ୍ୟକ୍ଷ ପ୍ରଦିପ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା କୁନାଲ ମିଶ୍ର, ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜଳଧର ନାୟକ ଓ ମାଲାନଗିରି ବ୍ଲକ୍ ଉପାଧ୍ୟକ୍ଷ ନିରଞ୍ଜନ ହଲଦର୍

● ମୃତ୍ୟୁଦଣ୍ଡ ପରେ ବି ହସିନାଙ୍କ ଘରବାହୁଡ଼ା ଯୋଜନା

ଭାରତ ରଖିଲା ସୁରକ୍ଷା ଓ ନିରପେକ୍ଷ ବିଚାରର ସର୍ତ୍ତ



ନୂଆଦିଲ୍ଲୀ, ୧୪।୧୧: ଦୁଇ ବର୍ଷରୁ ଅଧିକ ସମୟ ପୂର୍ବେ ବାଂଲାଦେଶର ଢାକାଠାରେ ଏକ ଉତ୍ତ୍ୟକ୍ତ ଜନତା ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ । ଏହାପରେ ସେ ଏକ ବାଂଲାଦେଶୀ ସାମରିକ ବିମାନ ଯୋଗେ ଭାରତ ଆସିଥିଲେ । ବର୍ତ୍ତମାନ ହସିନା ଘୋଷଣା କରିଛନ୍ତି ଯେ, ସେ ଆସନ୍ତା ଡିସେମ୍ବର ମାସରେ ବାଂଲାଦେଶକୁ ଫେରିବାକୁ ଚାହୁଁଛନ୍ତି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ ଏହି ଯୋଜନା ସହ ସହମତ ଥିଲେ ମଧ୍ୟ ସେ ଚାହୁଁଛି ଯେ ହସିନାଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ତାଙ୍କ ପାଇଁ ପୂର୍ଣ୍ଣ ସୁରକ୍ଷା ଗ୍ୟାରେଣ୍ଟି ରହୁ ଏବଂ ତାଙ୍କୁ ଏକ ନିରପେକ୍ଷ ଶୁଣାଣିର ସୁଯୋଗ ମିଳୁ । ରିପୋର୍ଟରେ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରାଳୟ ଏବଂ ସାମରିକ ସୂତ୍ରରୁ ଏହି ସୂଚନା ମିଳିଥିବା ଦର୍ଶାଯାଇଛି । ବାଂଲାଦେଶର ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ସରକାର ଏହି ରିପୋର୍ଟକୁ ନା ସ୍ୱୀକାର କରିଛନ୍ତି ନା କୌଣସି ପ୍ରତିକ୍ରିୟା ଦେଇଛନ୍ତି । ଏହି କ୍ରମରେ ଗତ ନଭେମ୍ବର ୧୩ ତାରିଖରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଜବାବ ଦେଇ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ୍ ଏହି ରିପୋର୍ଟର ସତ୍ୟତା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି । ଅନ୍ୟପକ୍ଷରେ, ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ସହକାରୀ ପ୍ରେସ୍ ସଚିବ କେ.ଏମ୍. ନଜମୁଲ୍ ହକ୍ ଗତ ଶୁକ୍ରବାର ଏକ ଫେସ୍‌ବୁକ୍ ପୋଷ୍ଟରେ ଦାବି କରିଛନ୍ତି ଯେ, କୌଣସି ଦେଶ ହସିନାଙ୍କୁ ନିଜ ପାଖରେ ଆଶ୍ରୟ ଦେବାକୁ ଆଗ୍ରହୀ ନୁହଁନ୍ତି । ଫେସ୍‌ବୁକରେ ନଜମୁଲ୍ ଲେଖିଛନ୍ତି, ‘ୟୁକେ, ସଂଯୁକ୍ତ ଆରବ ଏମିରେଟ୍ସ, ସାଉଦି ଆରବ, ଫିନଲ୍ୟାଣ୍ଡ, ଆମେରିକା, ବେଲାରୁସ୍, କତାର, ଏପରିକି ଆଫ୍ରିକାର ଗୋଟିଏ ବି ଦେଶ ଜଣେ ନରହନ୍ତାଙ୍କୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି ।’ ସେ ଆହୁରି କହିଛନ୍ତି ଯେ ଶେଖ୍ ହସିନାଙ୍କ ପାଇଁ ଗୋଟିଏ ପରେ ଗୋଟିଏ ବାଟ ବନ୍ଦ ହୋଇଯାଉଛି । ନଜମୁଲ୍ କହିଛନ୍ତି ଯେ ହସିନା ଆୱାମୀ ଲିଗ୍‌ର ଭୂମିକାଗତ କର୍ମକର୍ତ୍ତା ଏବଂ ସମର୍ଥକମାନଙ୍କ ବଳରେ ଶେଷ ବିକଳ୍ପ ଭାବେ ବାଂଲାଦେଶକୁ ଫେରିବାକୁ ଚାହୁଁଛନ୍ତି । ଗତ ନଭେମ୍ବର ୯ ତାରିଖରେ ହସିନା ଏକ ନୂତନ ପାସପୋର୍ଟ ଏବଂ ଯାତ୍ରା କାଗଜପତ୍ର ପାଇଁ ଆବେଦନ କରିଥିଲେ । ଦେଶାନ୍ତର ହେବା ପରେ ବାଂଲାଦେଶ ସରକାରଙ୍କ ସହିତ ଏହା ଥିଲା ତାଙ୍କର ପ୍ରଥମ ଆନୁଷ୍ଠାନିକ ଯୋଗାଯୋଗ । ତେବେ ଢାକା ପକ୍ଷରୁ କୌଣସି ସକରାତ୍ମକ ପ୍ରତିକ୍ରିୟା ମିଳିନାହିଁ । ବରଂ କିଛି ନେତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ଭାରତ ହସିନାଙ୍କୁ ବାଂଲାଦେଶକୁ ପ୍ରତ୍ୟାର୍ପଣ କରିବା ଉଚିତ୍ । ଭାରତର ପୂର୍ବତନ କୂଟନୀତିଜ୍ଞା ବୀଣା ସିକ୍ରି କହିଛନ୍ତି ଯେ, ହସିନାଙ୍କ ପାସପୋର୍ଟ ଆବେଦନକୁ ନେଇ ବାଂଲାଦେଶ ସରକାରଙ୍କ ଆଭିମୁଖ୍ୟ ‘ଅତ୍ୟନ୍ତ କଠୋର’।

ଅମିତାଭଙ୍କ ବଙ୍ଗଳାକୁ ନେଇ ପାରିବାରିକ ବିବାଦ



ମୁମ୍ବାଇ,୧୪।୧୧: ବଲିଉଡ୍‌ର ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ମୁମ୍ବାଇସ୍ଥିତ ପ୍ରସିଦ୍ଧ ବଙ୍ଗଳା ‘ଜଲ୍‌ସା’କୁ ନେଇ ଏବେ ପାରିବାରିକ ସମ୍ପତ୍ତି ବିବାଦ ସାମ୍ନାକୁ ଆସିଛି । ଅମିତାଭଙ୍କ ସାନଭାଇ ଅଜିତାଭ ବଚ୍ଚନଙ୍କ ପତ୍ନୀ ରମୋଲା ବଚ୍ଚନ ୧୯୯୩ ମସିହାର ଏକ ଦାନପତ୍ରକୁ ଚ୍ୟାଲେଞ୍ଜ କରିଛନ୍ତି । ଏହି ଦାନପତ୍ର ଜରିଆରେ ‘ଜଲ୍‌ସା’ ବଙ୍ଗଳାର ମାଲିକାନା ଜୟା ବଚ୍ଚନଙ୍କ ନାମକୁ ହସ୍ତାନ୍ତର ହୋଇଥିବା କୁହାଯାଉଛି । ତେବେ ତାଙ୍କ ବିନା ଜ୍ଞାତସାର ଓ ସହମତିରେ ଏହି କାରବାର ହୋଇଥିବା ରମୋଲା ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେ ଗତ ସାତ ମାସ ମଧ୍ୟରେ ସମ୍ପତ୍ତି ପଞ୍ଜୀକରଣ ସମ୍ପର୍କିତ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଏକାଧିକ ଅଭିଯୋଗ କରିଛନ୍ତି । ରିପୋର୍ଟ ଅନୁସାରେ, ରମୋଲାଙ୍କ ଦାବି ହେଉଛି ଯେ, ଜଲ୍‌ସା ବଙ୍ଗଳା ପ୍ରଥମେ ତାଙ୍କ ନାମରେ ପଞ୍ଜିକୃତ ଥିଲା । ପରେ ୧୯୯୩ର ଦାନପତ୍ର ମାଧ୍ୟମରେ ଏହାକୁ ଜୟା ବଚ୍ଚନଙ୍କ ନାମକୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ଏହି ଦସ୍ତାବିଜ୍ କିପରି ପ୍ରସ୍ତୁତ ହୋଇଥିଲା, ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ଦାନପତ୍ରଟି ଷ୍ଟାମ୍ପ ପେପର ବଦଳରେ ସାଧାରଣ କାଗଜରେ ପ୍ରସ୍ତୁତ ହୋଇଥିଲା । ଏଥିପାଇଁ ସେତେବେଳେ ଷ୍ଟାମ୍ପ ଡ୍ୟୁଟି ମଧ୍ୟ ଦିଆଯାଇ ନଥିଲା । ଏପରିକି ଦସ୍ତାବିଜ୍‌ରେ ସାକ୍ଷୀଙ୍କ ଦସ୍ତଖତ ନଥିବା ମଧ୍ୟ ସେ ଦର୍ଶାଇଛନ୍ତି । ୧୯୯୩ରେ ପ୍ରସ୍ତୁତ ଏହି ଦାନପତ୍ର ୨୦୦୬ରେ ପଞ୍ଜିକୃତ ହୋଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ମହାରାଷ୍ଟ୍ର ସରକାରଙ୍କ ‘ଅଭୟ ଯୋଜନା’ ଅଧୀନରେ ଏହାକୁ ପରବର୍ତ୍ତୀ ସମୟରେ ନିୟମିତ କରାଯିବା ପ୍ରକ୍ରିୟାକୁ ମଧ୍ୟ ରମୋଲା ଚ୍ୟାଲେଞ୍ଜ କରିଛନ୍ତି । ଏହି ବିବାଦର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ମାଲିକାନା ସମ୍ପର୍କିତ ରେକର୍ଡରେ ଥିବା ଅସଙ୍ଗତି । କପୋଲ ହାଉସିଂ ସୋସାଇଟିର ରେକର୍ଡରେ ଜୟା ବଚ୍ଚନଙ୍କ ନାମ ମାଲିକ ଭାବେ ରହିଛି । କିନ୍ତୁ ମହାରାଷ୍ଟ୍ର ସରକାରଙ୍କ ପ୍ରପର୍ଟି କାର୍ଡରେ ଏବେବି ରମୋଲାଙ୍କ ନାମ ରହିଛି । ସରକାରୀ ରେକର୍ଡରୁ ତାଙ୍କ ନାମ ହଟାଇ ଜୟାଙ୍କ ନାମ ଯୋଡ଼ିବାକୁ ଉଦ୍ୟମ ହେବା ପରେ ବିବାଦ ପୁଣି ଡେଜିଥିବା ଜଣାପଡ଼ିଛି । ମାମଲାଟି ମୁମ୍ବାଇର ଅନ୍ଧେରୀସ୍ଥିତ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟିଜ୍ କାର୍ଯ୍ୟାଳୟରେ ପହଞ୍ଚିଛି । ଡେପୁଟି ରେଜିଷ୍ଟ୍ରାର ଫୈୟାଜ ମୁଲାନି ଅଭିଯୋଗ ମିଳିଥିବା ସ୍ୱୀକ୍ରତି ସହ ଏହାର ଶୁଣାଣି ଆରମ୍ଭ ହୋଇଥିବା କହିଛନ୍ତି । ସମ୍ପୃକ୍ତ ପକ୍ଷଙ୍କୁ ନିଜ ନିଜର ଜବାବ ଦାଖଲ କରିବାକୁ କୁହାଯାଇଛି । ଏହି ପ୍ରସଙ୍ଗରେ ଅମିତାଭ ବଚ୍ଚନ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇନଥିବା ବେଳେ ଜୟା ବଚ୍ଚନଙ୍କ ସହ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ । ଅଭିଷେକ ବଚ୍ଚନଙ୍କ ମୁଖପାତ୍ର ଏହାକୁ ପାରିବାରିକ ମାମଲା କହି ମନ୍ତବ୍ୟ ଦେବାକୁ ମନା କରିଛନ୍ତି । ତେବେ ଦାନପତ୍ରର ବୈଧତା ଓ ଜଲ୍‌ସାର ପ୍ରକୃତ ମାଲିକାନା ସମ୍ପର୍କରେ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି । ଅଭିଯୋଗଗୁଡ଼ିକର ଯାଞ୍ଚ ଓ ସମ୍ପୃକ୍ତ ପକ୍ଷଙ୍କ ଜବାବ ପରେ ହିଁ ଏହି ବିବାଦର ପରବର୍ତ୍ତୀ ସ୍ଥିତି ସ୍ପଷ୍ଟ ହେବ ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବଶୀଘ୍ର: ଏସ୍. ଜୟଶଙ୍କର

ନୂଆଦିଲ୍ଲୀ, ୧୪/୧୧: ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିକୁ ନେଇ ଅଧିକାଂଶ ପ୍ରସଙ୍ଗର ସମାଧାନ ହୋଇସାରିଛି । ଅବଶିଷ୍ଟ କେତେକ ପ୍ରସଙ୍ଗର ସମାଧାନ ପାଇଁ ଆଲୋଚନା ଜାରି ରହିଥିବାବେଳେ ଖୁବଶୀଘ୍ର ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ ବୋଲି ଶନିବାର କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର। ଆସନ୍ତା ମାସରେ ଜି-୨୦ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ କରିବାର ସମ୍ଭାବନା ରହିଛି । ଏହି ଅବସରରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କର ବ୍ୟାପକ ଦିଗ ଏବଂ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ସମୀକ୍ଷା କରିପାରନ୍ତି । ଏହାର ଠିକ୍ ଏକ ମାସ ପୂର୍ବରୁ ଜୟଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି । ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମ୍ମିଳନୀରେ ଏକ ଆଲୋଚନା ଅଧିବେଶନରେ ଯୋଗଦେଇ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅବଶିଷ୍ଟ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ଅନେକ ଭାରତ ପକ୍ଷରୁ ନୁହେଁ, ବରଂ ଆମେରିକା ପକ୍ଷରେ ଅଧିକ ପରିବର୍ତ୍ତନ ହୋଇଛି । ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାର ଅଗ୍ରଗତି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ଜୟଶଙ୍କର କହିଥିଲେ, “ନିଶ୍ଚିତ ଭାବେ ଆମର ଆଶା ଏବଂ ଅନେକ ଦିଗରୁ ଆମର ପ୍ରତୀକ୍ଷା ରହିଛି ଯେ, ଆମେ ଏବେ ଶେଷ ପର୍ଯ୍ୟାୟରେ ଅଛୁ । ଏହା କୌଣସି ଗୋପନୀୟ କଥା ନୁହେଁ।” ଆସନ୍ତା ଡିସେମ୍ବର ୧୪ ଓ ୧୫ ତାରିଖରେ ମିଆମିଠାରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀ ଅବସରରେ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ପରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଜୟଶଙ୍କର କହିଥିଲେ ଯେ, ତାଙ୍କର ଧାରଣା ଅନୁଯାୟୀ ଅଧିକାଂଶ ପ୍ରସଙ୍ଗର ସମାଧାନ ହୋଇସାରିଛି ।

ଡାକ ସେବା ମାଧ୍ୟମରେ ଘରେ ପହଞ୍ଚିବ ସାବରୀମାଳା ପ୍ରସାଦ



ନୂଆଦିଲ୍ଲୀ, ୧୪/୧୧: ସାବରୀମାଳା ପରିଦର୍ଶନ କରୁଥିବା ଭକ୍ତମାନେ ଖୁବ୍ ଶୀଘ୍ର ‘ଅରବଣା ପାୟସମ୍’ ଏବଂ ଅନ୍ୟାନ୍ୟ ମନ୍ଦିର ପ୍ରସାଦ ଇଣ୍ଡିଆ ପୋଷ୍ଟ (ଭାରତୀୟ ଡାକ ବିଭାଗ) ମାଧ୍ୟମରେ ନିଜ ଘରକୁ ପଠାଇ ପାରିବେ । ଏଥିପାଇଁ ଇଣ୍ଡିଆ ପୋଷ୍ଟ, ଟ୍ରାଭାନକୋର ଦେବସ୍ୱମ୍ ବୋର୍ଡ ସହ ମିଶି ପାହାଡ଼ ଉପରେ ଥିବା ମନ୍ଦିର ପରିସରରେ ଏକ ୨୪ ଘଣ୍ଟିଆ ସ୍ୱତନ୍ତ୍ର ବୁକିଂ କାଉଣ୍ଟର ସ୍ଥାପନ କରୁଛି । ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଆଗାମୀ ‘ମଣ୍ଡଳ-ମକରବିଲକ୍କୁ’ ତୀର୍ଥଯାତ୍ରା ସମୟ ପାଇଁ ଏହି ସୁବିଧା ଆରମ୍ଭ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି, ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଭକ୍ତମାନେ ଯେପରି ଡାକ ବିଭାଗର ‘ସ୍ପିଡ୍ ପୋଷ୍ଟ’ ସେବା ମାଧ୍ୟମରେ ସହଜରେ ନିଜ ଘରେ ପ୍ରସାଦ ପାଇପାରିବେ । ଏହି ସ୍ୱତନ୍ତ୍ର ପାର୍ସଲ ବୁକିଂ କେନ୍ଦ୍ର ସାବରୀମାଳା ମନ୍ଦିର ପରିସରରେ ଦେବସ୍ୱମ୍ ବୋର୍ଡର ‘ଅରବଣା’ ଏବଂ ‘ଅପ୍ପମ୍’ କାଉଣ୍ଟର ନିକଟରେ କାର୍ଯ୍ୟ କରିବ । ‘ଅରବଣା’ ହେଉଛି ଚାଉଳ, ଗୁଡ଼ ଏବଂ ଘିଅରେ ପ୍ରସ୍ତୁତ ଏକ ମିଠା ପ୍ରସାଦ ।ସାବରୀମାଳା ମନ୍ଦିରରେ ଏହା ସବୁଠାରୁ ଲୋକପ୍ରିୟ ପ୍ରସାଦ ମଧ୍ୟରୁ ଅନ୍ୟତମ । ‘ଅପ୍ପମ୍’ ହେଉଛି ମନ୍ଦିରରେ ମିଳୁଥିବା ଅନ୍ୟ ଏକ ମିଠା ପ୍ରସାଦ । ଭକ୍ତମାନେ ମନ୍ଦିରରେ ଥିବା ସମୟରେ ଏହି ପ୍ରସାଦଗୁଡ଼ିକ ପାଇଁ ବୁକିଂ କରିପାରିବେ ଏବଂ ସେଗୁଡ଼ିକୁ ନିଜ ଘର ଠିକଣାରେ ପହଞ୍ଚାଇବାର ବ୍ୟବସ୍ଥା କରିପାରିବେ । ଏହାଦ୍ୱାରା ତୀର୍ଥଯାତ୍ରୀମାନେ ନିଜ ଯାତ୍ରା ସାରି ଘରକୁ ଫେରିବା ବେଳକୁ, ପ୍ରସାଦ ପାର୍ସଲଗୁଡ଼ିକ ପୂର୍ବରୁ ହିଁ ସେମାନଙ୍କ ଘରେ ପହଞ୍ଚି ଯାଇଥିବ ।

ମୋଦୀଙ୍କ ଗସ୍ତ ପାଇଁ ନିୟୋଜିତ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି

ନୂଆଦିଲ୍ଲୀ, ୧୪/୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କର୍ଣ୍ଣାଟକ ଗସ୍ତ ସମୟରେ ତାଙ୍କ ଯାତ୍ରା ପାଇଁ ନିୟୋଜିତ ଭାରତୀୟ ବାୟୁସେନା ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟରେ ପ୍ରଧାନମନ୍ତ୍ରୀ ମୋଦୀ ମହାଶୂରରେ ପହଞ୍ଚିଥିଲେ । ସେଠାରେ ସେ କୋସ୍‌ମୋସ୍- ମହାଶୂର ତାରାମଣ୍ଡଳର ଉଦ୍‌ଘାଟନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ପାଇଁ ମୋଟ୍ ତିନିଟି ହେଲିକପ୍ଟର ମହାଶୂରର ଜୟଚାମରାଜା ୱାଡିୟାର ହେଲିପ୍ୟାଡରେ ଅବତରଣ କରିଥିଲା । କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ହେଲିକପ୍ଟର ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସେଥିମଧ୍ୟରୁ ଗୋଟିଏରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା । ପ୍ରଧାନମନ୍ତ୍ରୀ ଓ ତାଙ୍କ ସହିତ ଥିବା ଅନ୍ୟ ସଦସ୍ୟମାନେ ଅବଶିଷ୍ଟ ଦୁଇଟି ହେଲିକପ୍ଟରରୁ ଗୋଟିଏରେ ପରବର୍ତ୍ତୀ ଗନ୍ତବ୍ୟସ୍ଥଳକୁ ଯାଇଥିଲେ । ଅଚଳ ହେଲିକପ୍ଟରଟି ସେହି ହେଲିପ୍ୟାଡରେ ରହିଯାଇଥିଲା । ହେଲିକପ୍ଟରର ସୁରକ୍ଷା ପାଇଁ ସ୍ଥାନୀୟ ପୁଲିସ ସେହି ଅଞ୍ଚଳକୁ ଘେରାଉ କରି ସୁରକ୍ଷାକର୍ମୀ ନିୟୋଜିତ କରିଛନ୍ତି । ବୈଷୟିକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ପରଖିଛନ୍ତି । ତେବେ ହେଲିକପ୍ଟରରେ କେଉଁ ପ୍ରକାରର ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି ଓ ଏହା କେତେବେଳେ ପୁଣି ଉଡ଼ାଣ ଭରିବ ସେ ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

● ଭୋଟର ତାଲିକାରୁ ୧.୨୭ ହିନ୍ଦୁଙ୍କ ନାଁ କଟିବା ପ୍ରସଙ୍ଗ

ଯୋଗୀଙ୍କ ଦାବି ଉପରେ ପ୍ରଶ୍ନ ଉଠାଇଲେ କପିଲ ସିବଲ

ନୂଆଦିଲ୍ଲୀ, ୧୪/୧୧: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ଭୋଟର ତାଲିକାରୁ ୧ କୋଟି ୨୭ ଲକ୍ଷ ହିନ୍ଦୁ ଭୋଟରଙ୍କ ନାଁ କଟିଥିବା ନେଇ ବାରମ୍ବାର ଦାବି କରୁଥିବାବେଳେ ଏହାକୁ ନେଇ ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରଶ୍ନ ଉଠାଇଛନ୍ତି । ସିବଲ ଶନିବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ଯୋଗୀଙ୍କୁ ତାଙ୍କ ଦାବି ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବାକୁ କହିଛନ୍ତି । କେଉଁ ନିର୍ବାଚନ ମଣ୍ଡଳୀରୁ କେଉଁ ଭୋଟରଙ୍କ ନାଁ କଟିଛି ଓ ତାହା କିପରି ଜଣାପଡ଼ିଲା ସେ ନେଇ ତଥ୍ୟ ସ୍ପଷ୍ଟ କରିବାକୁ ସେ କହିଛନ୍ତି । ସିବଲ ଅଭିଯୋଗ କରିଛନ୍ତି ଯେ, ନଚେତ୍ ଏହାଦ୍ୱାରା ଫର୍ମ ୮ ମାଧ୍ୟମରେ କଟାଯାଇ ନଥିବା ନାମଗୁଡ଼ିକ ପୁନର୍ବାର ଭୋଟର ତାଲିକାରେ ଯୋଡ଼ାଯିବାର ଆଶଙ୍କା ରହିଛି । ଏହା ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିପାରେ ବୋଲି ଯୁକ୍ତି ରଖିଥିଲେ । ଭୋଟର ତାଲିକା ସଂଶୋଧନରେ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ସିବଲ ସନ୍ଦେହ ପ୍ରକାଶ କରିଛନ୍ତି । ଫର୍ମ-୬ ନୂଆ ନାଁ ଯୋଡ଼ିବା, ଫର୍ମ-୭ ନାଁ କାଟିବା ଓ ଫର୍ମ-୮ ଠିକଣା ପରିବର୍ତ୍ତନ କିମ୍ବା ତଥ୍ୟ ସଂଶୋଧନ ପାଇଁ ବ୍ୟବହୃତ ହୁଏ। ଏହି ତିନିଟି ଫର୍ମର ଦୁରୁପଯୋଗ ହୋଇଥିବା ସେ ଅଭିଯୋଗ କରିଛନ୍ତି । ମହାରାଷ୍ଟ୍ରର ପୁଣେରେ ଏନ୍‌ସିପି ନେତା ଅଜିତ ଗଭାନେଙ୍କ ଦ୍ୱାରା ଫର୍ମ-୭ ମାଧ୍ୟମରେ ୫୮ ଜଣଙ୍କ ନାଁ ଭୁଲ୍‌ରେ କଟାଯିବା ଅଭିଯୋଗର ଉଦାହରଣ ଦେଇ ସେ କହିଛନ୍ତି, ତଦନ୍ତରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଏଭଳି ୫,୬୦୩ଟି ମାମଲା ସାମ୍ନାକୁ ଆସିଛି । ପିମ୍ପରି, ଥାଣେ ଓ ଖଡ଼କୱାସଲାରେ ବିନା କ୍ଷେତ୍ର ଯାଞ୍ଚରେ ଠିକଣା ବଦଳ ଆବେଦନ ମଞ୍ଜୁର ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ଏହା ସହ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (କାଂଶୀରାମ) ଓ ଅସଦୁଦ୍ଦିନ ଅୱେସୀଙ୍କ ଏଆଇଏମ୍‌ଆଇଏମ୍ ମେଣ୍ଟ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଭୋଟକୁ ପ୍ରଭାବିତ କରିପାରେ ବୋଲି ସେ କହିଛନ୍ତି ।

ରାମଲୀଳା ମୈଦାନରେ ଲାଗୁ ହେବ କଡ଼ା ନିୟମ

ନୂଆଦିଲ୍ଲୀ,୧୪।୧୧: ଦିଲ୍ଲୀର ରାମଲୀଳା ମୈଦାନରେ ଏଣିକି ଆଉ ମନମାନି ଚଳିବନି । ରାଲି ହେଉ କି ଧାରଣା, ପ୍ରତିବାଦ ହେଉ କି ପ୍ରଦର୍ଶନ, ସବୁକିଛି ପାଇଁ ଲାଗୁ ହେବ କଡ଼ା ନିୟମ । ଦିଲ୍ଲୀ ପୋଲିସ ପ୍ରସ୍ତୁତ କରିଛି ନୂଆ ଏସଓପିର ଡ୍ରାଫ୍ଟ । ସର୍ବାଧିକ ୫୦ ହଜାର ଲୋକଙ୍କୁ ଅନୁମତି । ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ହେବ କାର୍ଯ୍ୟକ୍ରମ । ଆଉ ଆୟୋଜନର ୧୦ ଦିନ ପୂର୍ବରୁ ନେବାକୁ ପଡ଼ିବ ଅନୁମତି ।

୨୦ କେଜି ମେଥାମଫେଟାମାଇନ୍ ବଟିକା ଜବତ, ଜଣେ ଗିରଫ

ନୂଆଦିଲ୍ଲୀ, ୧୪।୧୧: ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଆସାମର କଚାର ଜିଲ୍ଲାରେ ଏକ ଟିପର ଟ୍ରକରୁ ୨୦ କିଲୋଗ୍ରାମ ମେଥାମଫେଟାମାଇନ୍ ବଟିକା ଜବତ କରିଛି । ନିଶାଦ୍ରବ୍ୟଗୁଡ଼ିକୁ ଟ୍ରକର ଡାହାଣ ପାର୍ଶ୍ୱ ପ୍ୟାନେଲରେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଏକ ଗୁପ୍ତ ସ୍ଥାନରେ ଲୁଚାଇ ରଖାଯାଇଥିଲା । ଏହି ମାମଲାରେ ଟ୍ରକରେ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଡିଆରଆଇ ଆସାମ ରାଇଫଲ୍ସର ୩୮ତମ ବାଟାଲିୟନର ଯବାନଙ୍କ ସହ ମିଶି ଏକ ମିଳିତ ଅଭିଯାନ ଚଳାଇଥିଲା । ଗୁଇନ୍ଦା ସୂଚନା ଆଧାରରେ ଗତ ୧୨ ତାରିଖରେ ବୋରଖୋଲା ନିକଟରେ ଏକ ଟାଟା ଟିପର ଟ୍ରକକୁ ଅଟକାଯାଇଥିଲା । ଟ୍ରକର ବିସ୍ତୃତ ଯାଂଚ ସମୟରେ ଜଣେ ମେକାନିକ୍‌ଙ୍କ ସହାୟତାରେ ଏହା

ଜାଲ୍ ପାସପୋର୍ଟରେ ବିଦେଶ ଯାତ୍ରା, ଜଣେ ବିମାନ ଯାତ୍ରୀ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜାଲ୍ କାଗଜପତ୍ର ଜରିଆରେ ଭିନ୍ନ ଭିନ୍ନ ନାମ ଓ ଜନ୍ମ ତାରିଖରେ ଡିନୋଟି ବୈଧ ଭାରତୀୟ ପାସପୋର୍ଟ ହାସଲ କରି ବିଦେଶ ଯାତ୍ରା କରୁଥିବା ଜଣେ ଉତ୍ତରପ୍ରଦେଶ ବାସିନ୍ଦାକୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ଥାଇଲାଣ୍ଡର ବ୍ୟାଙ୍ଗକକ୍‌ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଇମିଗ୍ରେସନ୍ ଯାଞ୍ଚ ବେଳେ ଏହି ବଡ଼ ଧରଣର ଜାଲିଆତି ଧରାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ବ୍ରିଜେଶ କୁମାର। ଗିରଫ ଅଭିଯୁକ୍ତ ନିକଟରୁ ଗୋଟିଏ ଭାରତୀୟ ପାସପୋର୍ଟ, ୪ଟି ମୋବାଇଲ୍ ଫୋନ୍, ନଗଦ ୬,୫୦୦/- ଭାରତୀୟ ଟଙ୍କା ଏବଂ ଥାଇଲାଣ୍ଡ ମୁଦ୍ରା ଜବତ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୩.୧୧.୨୦୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୩୫ ମିନିଟରେ ଇଣ୍ଡିଗୋ ବିମାନ ଯୋଗେ ଥାଇଲାଣ୍ଡର ବ୍ୟାଙ୍ଗକକରୁ ଭୁବନେଶ୍ୱର ବିମାନବନ୍ଦରରେ ଉତ୍ତରପ୍ରଦେଶ ଆଜମଗଡ଼ ଜିଲ୍ଲାର ୩୪ ବର୍ଷୀୟ ବ୍ରିଜେଶ କୁମାର ପହଞ୍ଚିଥିଲେ। ବିମାନବନ୍ଦର ଇମିଗ୍ରେସନ୍ ଚେକ୍ ପୋଷ୍ଟରେ ଯାଞ୍ଚ ସମୟରେ ଅଧିକାରୀମାନେ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ବ୍ରିଜେଶ କୁମାର ଲକ୍ଷ୍ନୌ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟରୁ ଭିନ୍ନ ଭିନ୍ନ ନାମ ଓ ଜନ୍ମ ତାରିଖ ବ୍ୟବହାର କରି ଡିନୋଟି ବୈଧ ପାସପୋର୍ଟ ହାସଲ କରିଛନ୍ତି। ସେଗୁଡ଼ିକ ହେଲା - ଦଲବୀର ଯାଦବ ନାମରେ ପାସପୋର୍ଟ ନଂ- ଚ୮୬୩୪୫୩୨ (ଜନ୍ମ ତାରିଖ: ୧୪.୦୧.୧୯୮୮), ବ୍ରିଜେଶ କୁମାର ନାମରେ ପାସପୋର୍ଟ ନଂ- ୫୬୭୪୬୭୮୯ (ଜନ୍ମ ତାରିଖ: ୦୧.୦୧.୧୯୯୨) ଏବଂ ବ୍ରିଜେଶ ପ୍ରସାଦ ନାମରେ ପାସପୋର୍ଟ ନଂ- ଡ୫୦୯୭୫୮୭ (ଜନ୍ମ ତାରିଖ: ୦୮.୦୮.୧୯୭୨)।

ଜମି ଜାଲିଆତି, ରିଅଲ ଇଷ୍ଟେଟ୍ ସଂସ୍ଥା ଏମଡି ଗିରଫ

ଭୁବନେଶ୍ୱର(ନି.ପ୍ର) : ବାଲକାଟି ଅଞ୍ଚଳରେ ଜମି ଯୋଗାଇ ଦେବା ନାଁରେ ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ୩୧ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିବା ଏବଂ ଟଙ୍କା ଫେରସ୍ତ ମାଗିବାରୁ ମୂଳ ମନି ରସିଦ ଛଡ଼ାଇ ନେଇ ଚିରି ନଷ୍ଟ କରିଦେଇଥିବା ଅଭିଯୋଗରେ ସହିଦ ନଗର ଥାନା ପୋଲିସ ଜଣେ କୁଖ୍ୟାତ ଅଭ୍ୟାସଗତ ଜମି ଠକ ତଥା ରିଅଲ ଇଷ୍ଟେଟ୍ ସଂସ୍ଥା 'ମାରିଅନ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍'ର ମ୍ୟାନେଜିଂ ଡାଇରେକ୍ଟର ବିଭୂତି ଭୂଷଣ ବେହେରାକୁ ଗିରଫ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ତଥା ବର୍ତ୍ତମାନ ସହିଦ ନଗର ୟୁନିଟ୍-୯ ରେ ରହୁଥିବା ଅଭିଯୋଗକାରୀ ସ୍ୱଦେଶ ଖୁଣ୍ଟିଆ (୬୨) ଜମି କିଣିବା ପାଇଁ ଖୋଜାଖୋଜି କରୁଥିଲେ। ଏହି ସମୟରେ ପ୍ରଦୀପ କୁମାର ଦାସ ନାମକ ଜଣେ ବ୍ୟକ୍ତି ନିଜକୁ ଯାଜପୁର ଅଞ୍ଚଳର ବାସିନ୍ଦା ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ ଏବଂ ବାଲକାଟି ଅଞ୍ଚଳରେ ଏକ ଜମି ଦେଖାଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ସହିଦ ନଗର ସ୍ଥିତ 'ମାରିଅନ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍' ର ଏମ୍‌ଡି ବିଭୂତି ଭୂଷଣ ବେହେରାଙ୍କ କମ୍ପାନୀ ବ୍ୟାଙ୍କ ଆକାଉଣ୍ଟକୁ ବ୍ୟାଙ୍କ ଟ୍ରାନ୍ସଫର୍ ମାଧ୍ୟମରେ ସର୍ବମୋଟ ୩୧,୫୦,୦୦୦/- ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ପାଇବା ପରେ କମ୍ପାନୀ ପକ୍ଷରୁ ତାଙ୍କୁ ଏକ ମନି ରସିଦ ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନିର୍ଦ୍ଧାରିତ ଜମି ଯୋଗାଇ ନଦେବା ସହ ଟଙ୍କା ମଧ୍ୟ ଫେରସ୍ତ କରିନଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ ପାଇବା ପାଇଁ ମୂଳ ମନି ରସିଦ ଧରି ଅଫିସ୍‌କୁ ଯାଇଥିବା ବେଳେ ଅଭିଯୁକ୍ତ ଏମ୍‌ଡି ବିଭୂତି ଭୂଷଣ ବେହେରା ତାଙ୍କ ହାତରୁ ଉକ୍ତ ମୂଳ ରସିଦଟିକୁ ଜୋରଜବରଦସ୍ତ ଛଡ଼ାଇ ନେଇ ଚିରି ନଷ୍ଟ କରିଦେଇଥିଲେ। ଏନେଇ ଗତକାଲି ତା ୧୩.୧୧.୨୦୨୬ସନ୍ଧ୍ୟାରେ ଅଭିଯୋଗକାରୀ ସହିଦ ନଗର ଥାନାରେ ଲିଖିତ ଏତଲା ଦାୟର କରିବା ପରେ ପୋଲିସଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଠକେଇ ସମ୍ପର୍କିତ କାଗଜପତ୍ର ଜବତ କରିଥିଲା। ଅଭିଯୁକ୍ତ ପୋଲିସ ଗିରଫଦାରୀ ଏଡ଼ାଇବା ପାଇଁ ଅଫିସ୍‌ର ଫେରାର୍ ହୋଇଯାଇଥିବା ବେଳେ ପୋଲିସ ଗୁଇନ୍ଦା ସୂଚନା ଆଧାରରେ ଚଢ଼ାଉ କରି ତାକୁ କାବୁ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲା। ଗିରଫ ଅଭିଯୁକ୍ତ ବିଭୂତି ଭୂଷଣ ବେହେରା ଜଣେ ଅଭ୍ୟାସଗତ ଜମି ଓ ଟଙ୍କା ହଡ଼ପକାରୀ। ତା' ନାମରେ ପୂର୍ବରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ଥାନାରେ ୯ଟି ସାଂଘାତିକ ଠକେଇ, ଜାଲିଆତି ଓ ଅପରାଧିକ ମାମଲା ରହିଛି। ଶନିବାର ଅପରାହ୍ନରେ ଅଭିଯୁକ୍ତ ବିଭୂତି ଭୂଷଣ ବେହେରାକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

କାକଟପୁର ପୋଲିସର ଚଢ଼ାଉ

୨୬ ବୋତଲ ଦେଶୀ ମଦ ଜବତ, ଜଣେ ଗିରଫ



କାକଟପୁର(ନିପ୍ର): କାକଟପୁର ଥାନା ଅଞ୍ଚଳରେ ବେଆଇନ ମଦ କାରବାର ଉପରେ ପୋଲିସର ନଜର ଜାରି ରହିଛି। ଗତକାଲି ସନ୍ଧ୍ୟାରେ ପୋଲିସର ନିୟମିତ ପାଟ୍ରୋଲିଂ ସମୟରେ କଟକଣା ଛକଠାରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ଜାଣିବାକୁ ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ମଦ ବିକ୍ରି ଅଭିଯୋଗରେ ଜଣେ ଯୁବକଙ୍କୁ ଚିହ୍ନଟ କରିବା ସହ ତାଙ୍କ ନିକଟରୁ ୨୬ଟି ବୋତଲ ଆସ୍କା-୪୦ ମଦ ଜବତ କରିଛି। ଜବତ ମଦର ପରିମାଣ ୫.୨ ଲିଟର ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଏଏସ୍‌ଆଇ ଜୟନ୍ତୀ ସାହୁ ପୋଲିସ କର୍ମଚାରୀଙ୍କ ସହ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏହି ବେଆଇନ ମଦ ବିକ୍ରି ଘଟଣା ଧରାପଡ଼ିଥିଲା। ଏନେଇ ଅଭିଯୁକ୍ତ ବାଜପୁର ଗ୍ରାମର ଶରତ ବେହେରାଙ୍କ ପୁଅ ଗଣେଶ ବେହେରା (୨୪)ଙ୍କ ବିରୋଧରେ କାକଟପୁର ଥାନା କେସ୍ ନଂ-୪୧୮, ତା.୧୩.୧୦.୨୦୨୬ରେ ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଧାରା ୫୨(କ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବିଏନ୍‌ଏସ୍‌ର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରାଯାଇଛି। ଏହି ମାମଲାର ତଦନ୍ତ ଏଏସ୍‌ଆଇ ସଞ୍ଜୟ ପାଟଶାଣୀଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ବଜ୍ରକାପ୍ତା ଉଦ୍ଧାର: ଜଣେ ଗିରଫ



ମାଲକାନଗିରି: ଫେଲ ମାରିଲା ବଜ୍ରକାପ୍ତା ଡିଲ୍ । ବଜ୍ରକାପ୍ତ ଚୋରାଚାଲାଣ ବେଳେ ବନ ବିଭାଗର ଚଢ଼ାଉ । ମାଲକାନଗିରି ବନ ବିଭାଗକୁ ବଡ଼ ସଫଳତା । ବଜ୍ରକାପ୍ତା ଚୋରା ଚାଲାଣ ହେଉଥିବା ବେଳେ ମାଡ଼ି ବସିଲା ମାଲକାନଗିରି ବନ ବିଭାଗ । ଘଟଣା ସ୍ଥଳରୁ ୧୫ କେଜିରୁ ଅଧିକ ଓଜନର ବଜ୍ରକାପ୍ତା ଉଦ୍ଧାର ହୋଇଛି। ମାଲକାନଗିରି ବ୍ଲକର କୋଇଲିପାରି ଗାଁରେ ବଜ୍ରକାପ୍ତା ଡିଲ୍ ଚାଲିଥିବା ସମୟରେ ବନ ବିଭାଗ ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତଙ୍କୁ ଧରିବା ସହ ୩ଟି ବାଇକ୍ ଜବତ କରାଯାଇଛି । ଜଣେ ଫେରାର ରହିଛି । ବନ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ଉଦ୍ଧାର ବଜ୍ରକାପ୍ତାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ଜଙ୍ଗଲରେ ଛଡ଼ାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି । ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଅପରେସନ ଜାରି ରହିବ ବୋଲି ମାଲକାନଗିରି ଡିଏଫ୍‌ଓ ସାଇ କିରଣ କହିଛନ୍ତି।

ଅବକାରୀ ଚଢ଼ାଉ: ଦେଶୀମଦ ସହ ପୋଚ ନଷ୍ଟ

ଆଠଗଡ(ନିପ୍ର): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ, ଖଣ୍ଡୁଆଳି, ହାତୀ ତୋପ, ମଠ ନାଳ, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର, ପଟିଆ ସାହି, ଭଗୁଆ, ବନିଆବନ୍ଧ ଓ କଂସର ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର-୨ ଅବକାରୀ ଥାନା ଏବଂ କଟକ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୩୪୫୦ ଲିଟର ଦେଶୀମଦ ସହ ୨୩୬୨୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହିତ ୭ଟି ମାମଲା ରୁଜୁ କରାଯାଇଥିଲେ ମଧ୍ୟ କେହି ମଦ ମାଫିଆ ଗିରଫ ନ ହେବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତି ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କ ସମେତ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

ବସ୍‌ଷ୍ଟାଣ୍ଡରୁ ଯାତ୍ରୀଙ୍କ ଜିନିଷ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ବରମୁଣ୍ଡା ବସ୍ ଟର୍ମିନାଲ୍‌ରୁ ଯାତ୍ରୀଙ୍କ ବ୍ୟାଗ୍ ଓ ନଗଦ ଟଙ୍କା ଚୋରି କରିଥିବା ଜଣେ ଚୋରକୁ ଭରତପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଦୀପକ ବରାଡ। ତା' ନିକଟରୁ ଚୋରି ହୋଇଥିବା ନଗଦ ୩,୫୦୦/- ଟଙ୍କା ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, କୋରାପୁଟ ଜିଲ୍ଲା ସୁନାବେଡ଼ା ଅଞ୍ଚଳର ଅଭିଯୋଗକାରୀ ଗଣେଶ ଚନ୍ଦ୍ର ସ୍ୱାଇଁ (୫୧) ଗତକାଲି ତା ୧୩.୧୧.୨୦୨୬ ସକାଳ ପ୍ରାୟ ୭ ଟାରେ ବରମୁଣ୍ଡା ବସ୍ ଟର୍ମିନାଲ୍ ସ୍ଥିତ ଶୌଚାଳୟ ନିକଟରେ ନିଜର ଏୟାର୍ ବ୍ୟାଗ୍ ରଖି ଶୌଚ ହେବାକୁ ଯାଇଥିଲେ। ପ୍ରାୟ ୧୦ ମିନିଟ୍ ପରେ ଫେରିବା ବେଳକୁ କେହି ଅଜଣା ଦୁର୍ବୃତ୍ତ ତାଙ୍କ ବ୍ୟାଗ୍‌ଟିକୁ ଚୋରି କରି ନେଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟାଗ୍ ଭିତରେ ଗୋଟିଏ ମନିପର୍ସ, ଗୋଟିଏ ନୋକିଆ କିପ୍ୟାଡ୍ ମୋବାଇଲ୍ ଫୋନ୍, ଗୋଟିଏ ସାମସଙ୍ଗ୍ ଏ-୫୨ ସ୍ମାର୍ଟଫୋନ୍, ୪ଟି ଡେବିଟ୍ କାର୍ଡ, ୨ଟି କ୍ରେଡିଟ୍ କାର୍ଡ ଏବଂ ନଗଦ ୩,୫୦୦/- ଟଙ୍କା ରହିଥିଲା। ଏନେଇ ଅଭିଯୋଗକାରୀ ଭରତପୁର ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

କାଳୀପୂଜା ମେଳାରେ ଭୟାବହ ଅଗ୍ନିକାଣ୍ଡ

ଜଳେଶ୍ୱର(ନିପ୍ର): କାଳୀପୂଜା ମେଳାରେ ଭୟାବହ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳିଗଲା ୧୦ରୁ ଅଧିକ ଅସ୍ଥାୟୀ ଦୋକାନ। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ। ଏଥିପାଇଁ ମେଳା ପରିସରରେ ଖୋଲିଥିଲା ବିଭିନ୍ନ ପ୍ରକାରର ଅସ୍ଥାୟୀ ଦୋକାନ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ଦୋକାନରୁ ଆରମ୍ଭ ହୋଇଥିବା ନିଆଁ ଦେଖୁଦେଖୁ ଅନ୍ୟ ଦୋକାନକୁ ବ୍ୟାପି ଯାଇଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଅଳ୍ପ ସମୟ ମଧ୍ୟରେ ମେଳା ପରିସରରେ ଥିବା ୧୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଜଳିଯାଇଥିଲା। ହଠାତ୍ ନିଆଁ ବ୍ୟାପିବା ଦେଖି ମେଳା ପରିସରରେ ଆତଙ୍କ ଖେଳିଯାଇଥିଲା। ନିଜ ନିଜ ଦୋକାନର ସାମଗ୍ରୀ ବଞ୍ଚାଇବାକୁ ଦୋକାନୀମାନେ ଉଦ୍ୟମ କରିଥିଲେ ମଧ୍ୟ ନିଆଁର ପ୍ରକୋପ ଯୋଗୁଁ ଅନେକ ସାମଗ୍ରୀ ରକ୍ଷା କରିବା ସମ୍ଭବ ହୋଇନଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଭୋଗରାଇ ଅଗ୍ନିଶମ ବିଭାଗର କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ କରିଥିଲେ । ତେବେ ସେତେବେଳକୁ ୧୦ରୁ ଅଧିକ ଦୋକାନ ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା।



ପତ୍ନୀ ଓ ପୁଅ-ଝିଅଙ୍କୁ ହାଣିବା ମାମଲା: ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ବଲଙ୍ଗା ୭୬ଘର ସହିରେ ପାରିବାରିକ କଳହକୁ କେନ୍ଦ୍ରକରି ପତ୍ନୀ ଓ ପୁଅ ଝିଅଙ୍କୁ ଫାର୍ସାରେ ହାଣିବା ମାମଲାରେ ଅଭିଯୁକ୍ତ ସୁଜିତ ଦଳାଇକୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି। ସୁଜିତଙ୍କ ପୁଅ ଆଲୋକ ଦଳାଇଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଆଲୋକଙ୍କ ଅଭିଯୋଗ ଅନୁଯାୟୀ ଘଟଣା ରାତିରେ ଆଲୋକ ଓ ତାଙ୍କ ମା ମମତା ଦଳାଇ ଓ ସାନ ଭଉଣୀ ଘରେ ଶୋଇଥିଲା ବେଳେ ବିଳମ୍ବିତ ରାତିରେ ସୁଜିତ ମଦ୍ୟପାନ କରି ଘରକୁ ଆସି ଏକ ଫାର୍ସା ଦ୍ୱାରା ସମସ୍ତଙ୍କୁ ହାଣିଥିଲା। ଆକ୍ରମଣରେ ମମତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବେଳେ ଆଲୋକ ଓ ସାନ ଭଉଣୀ ମଧ୍ୟ କ୍ଷତାକ୍ତ ହୋଇଥିଲେ। ଏହି ସମୟରେ ଆଲୋକ ଘରୁ ବାହାରି ବାହାରକୁ ପଳାଇ ଆସି ଡାକ ପକାଇଥିଲେ। ଗ୍ରାମର ବାସୁଦେବ ବେହେରା ନାମକ ଜଣେ ଯୁବକ ଆସି ଆଲୋକଙ୍କୁ ଧରି ପକାଇବାରୁ ଅଭିଯୁକ୍ତ ପୁନର୍ବାର ଆଲୋକଙ୍କୁ ଆଘାତ କରିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।



ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ନିପ୍ର): ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ । କଟକ ଆଡ୍ ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ପେଶାଲ୍ କୋର୍ଟ-୨ ମାମଲାର ଶୁଣାଣି କରି ଏହି ଦଣ୍ଡାଦେଶ ଦେଇଛନ୍ତି । ଆଇପିସି ଦଫା ୩୭୬(୩) ଅନୁସାରେରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ହୋଇଛି । ଏଥିସହ ଅନ୍ୟ ଦଫାରେ ମଧ୍ୟ କାରାଦଣ୍ଡ ଓ ଜରିମାନା ହୋଇଛି । ସମସ୍ତ ଦଣ୍ଡାଦେଶ ଏକକାଳୀନ ଚାଲିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ ଏପ୍ରିଲ ୨ ତାରିଖରେ ପୁରୀଘାଟ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଥିଲା । ୧୨ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଓ ଦୁଷ୍କର୍ମ ଅଭିଯୋଗ ହୋଇଥିଲା । ମାମଲାରେ ମୋଟ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ ଅଦାଲତ । କଟକ ପୁରିଘାଟ ଥାନା ଅଞ୍ଚଳର ଅଭିଯୁକ୍ତ ପ୍ରମୋଦ କୁମାର ଚୌଧୁରୀ ଓରଫ୍ ଟମିଙ୍କୁ ଆଇପିସିର ବିଭିନ୍ନ ଦଫା ସହ ପୋକ୍ସୋ ଆଇନର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରାଯାଇଛି ।

ନାବାଳିକାଙ୍କୁ ବ୍ଲାକମେଲିଂ କରି ଅଭିଯୁକ୍ତ ଗିରଫ

ଜଟଣୀ(ନିପ୍ର): ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଜଣେ ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରି ଘରେ କେହି ନଥିବାର ସୁଯୋଗ ନେଇ ବଳପୂର୍ବକ ଅନୁଚିତ ସମ୍ପର୍କ ବଢାଇବା, ଆପତ୍ତିଜନକ ଫଟୋ ଉଠାଇ ଭାଇରାଲ୍ କରିଦେବାର ଧମକ ଦେଇ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ୪୮ବର୍ଷୀୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିକଟରୁ ପୀଡ଼ିତାଙ୍କ ଆପତ୍ତିଜନକ ଫଟୋ ଥିବା ମୋବାଇଲ୍ ଫୋନ୍ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଜଟଣୀ ଥାନା ଅଞ୍ଚଳର ଅଭିଯୋଗକାରିଣୀଙ୍କ ନାବାଳିକା ଝିଅଙ୍କ ସହ ଗୋଡ଼ାଧର୍ମ ସାଗର ଅଞ୍ଚଳର ଅଭିଯୁକ୍ତ ଅଭିମନ୍ୟୁ ହାତୀ (୪୮) ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରିଥିଲା। ଅଭିଭାବକଙ୍କ ଅଜାଣତରେ ନାବାଳିକାଙ୍କ ସହ ନିୟମିତ ସମ୍ପର୍କ ରଖିବା ପାଇଁ ଅଭିଯୁକ୍ତ ତାଙ୍କୁ ଏକ ଅଲଗା ମୋବାଇଲ୍ ଫୋନ୍ ଓ ସିମ୍ କାର୍ଡ ଯୋଗାଇ ଦେଇଥିଲା। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ବାପା-ମା' ଘରେ ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଟଣୀ ସ୍ଥିତ ନାବାଳିକାଙ୍କ ଘରକୁ ଯାଇ ତାଙ୍କୁ ଭୟଭୀତ କରାଇ ତାଙ୍କ ଇଚ୍ଛା ବିରୋଧରେ ଏକାଧିକ ବାର ଅନୁଚିତ ସମ୍ପର୍କ ରଖିଥିଲା। ଏଥିସହ ସେ ନାବାଳିକାଙ୍କର କିଛି ଆପତ୍ତିଜନକ ଫଟୋ



ଉଠାଇ ରଖିଥିଲା ଏବଂ ଏହି ଘଟଣା କାହା ଆଗରେ ପ୍ରକାଶ କଲେ ଉକ୍ତ ଫଟୋଗୁଡ଼ିକୁ ତାଙ୍କ ସ୍କୁଲ ସାଙ୍ଗମାନଙ୍କ ନିକଟକୁ ପଠାଇବା ସହ ଇଣ୍ଟରନେଟ୍‌ରେ ଭାଇରାଲ୍ କରିଦେବାକୁ ଏବଂ ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ କ୍ଷତି ପହଞ୍ଚାଇବାକୁ ଧମକ ଦେଇ ଆସୁଥିଲା। ଏନେଇ ୧୩ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଜଟଣୀ ଥାନ

ଡିସେମ୍ବର ୨୬ରୁ ୩୦ ଯାଏଁ ଚଇତି ଆସର

ରାୟଗଡ଼, ୧୪।୧୧(ନିପ୍ର): ରାୟଗଡ଼ ମାଟିର ମହକ ଓ ଆଦିବାସୀ କଳା-ସଂସ୍କୃତିର ଅନନ୍ୟ ପରିଚୟକୁ ନେଇ ପୁଣିଥରେ ଜମିବ ଚଇତି ମହୋତ୍ସବର ଆସର। ଜିଲ୍ଲାର ଗଣପର୍ବ ତଥା ସାଂସ୍କୃତିକ ମହାମିଳନ ଚଇତି-୨୦୨୬ ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ସ୍ଥିତ ଜିଆଇଏସିଆର୍ ପଡ଼ିଆରେ ମହା ସମାରୋହରେ ଆୟୋଜିତ ହେବ। ଏହାର ପ୍ରାରମ୍ଭିକ ପର୍ବ ଡିସେମ୍ବର ୭ ତାରିଖରେ ପ୍ରସିଦ୍ଧ ଚାଟିକଣା ଶୈବପୀଠରୁ ଆରମ୍ଭ ହେବ। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାୟଗଡ଼ ବିଧାୟକ ଅପ୍ପଲା ସ୍ୱାମୀ କାଡ଼ାକା ଯୋଗଦେଇ ଚଇତିକୁ ଏକ ସାର୍ବଜନୀନ ଜନ ମହୋତ୍ସବରେ ପରିଣତ କରିବା ନେଇ ମତାମତ ରଖିଥିଲେ।

ମହାପ୍ରଭୁଙ୍କୁ ଦର୍ଶନ କଲେ ଗୁରୁ ରବିଶଙ୍କର



ପୁରୀ,୧୪।୧୧(ନିପ୍ର): 'ଆର୍ଟ ଅଫ୍ ଲିଭିଂ'ର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କର ଶନିବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଦେଶ ତଥା ଓଡ଼ିଶାବାସୀଙ୍କ କଲ୍ୟାଣ କାମନା କରିଛନ୍ତି।ଓଡ଼ିଶା ଗସ୍ତର ତୃତୀୟ ତଥା ଶେଷ ଦିନରେ, କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରବି ଶଙ୍କର ଏଠାରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ଯିବା ପୂର୍ବରୁ ସେ ପ୍ରଥମେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ବାସଭବନ 'ଶ୍ରୀ ନହର'କୁ ଯାଇଥିଲେ।ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେ ଅରୁଣ ସ୍ତମ୍ଭ ନିକଟରେ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ସେବାୟତ ପ୍ରତିନିଧିମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ।। ପରେ ରବି ଶଙ୍କର ରତ୍ନ ସିଂହାସନ ଉପରେ ବିରାଜମାନ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଥିଲେ ।

'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରା

ସୁରକ୍ଷିତ ଗଣତନ୍ତ୍ର ଆମର ପ୍ରତିବଦ୍ଧତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୧୧(ନିପ୍ର): ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ସାର୍ବଭୌମତ୍ୱର ସୁରକ୍ଷା ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ଅନ୍ତର୍ଗତ ଭୁବନେଶ୍ୱରରେ ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଛି। ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବାଣୀବିହାରଠାରେ ଶେଷ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ. ସୁଧାଂଶୁ ତ୍ରିବେଦୀଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଅର୍ଥନୈତିକ ବିକାଶ କରୁଛି। ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗରିବ, ଚାଷୀ, ମହିଳା



ଓ ଯୁବବର୍ଗଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଛି। ତେବେ ବିରୋଧୀ ଦଳଗୁଡ଼ିକ ଦେଶର ପ୍ରଗତିକୁ ସହ୍ୟ କରିନପାରି ଅରାଜକତା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଥିଲେ। ଏସ୍ଆଇଆରକୁ ନେଇ ବିରୋଧୀଙ୍କ ପ୍ରଚାରକୁ ଭ୍ରମାତ୍ମକ ବୋଲି ଦର୍ଶାଇବା ସହ ଗଣତନ୍ତ୍ରର ସୁରକ୍ଷା ପାଇଁ ଦଳ ପ୍ରତିବଦ୍ଧ ବୋଲି କହିଥିଲେ।କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ, ଦେଶର ସେନା, ସାମ୍ବିଧାନିକ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବା ପାଇଁ କଂଗ୍ରେସ ଓ ଇଣ୍ଡି ମେଣ୍ଟ ଉଦ୍ୟମ କରୁଛନ୍ତି। ଏଭଳି ରାଜନୀତିକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡ. ତ୍ରିବେଦୀ କଂଗ୍ରେସ ଉପରେ ଦୋମୁହାଁ ନୀତିର ଅଭିଯୋଗ ଆଣି କହିଥିଲେ, ନିର୍ବାଚନରେ ବିଜୟୀ ହେଲେ ଇଭିଏମ୍ ଓ ନିର୍ବାଚନ ଆୟୋଗକୁ ଠିକ୍ ବୋଲି କହୁଥିବା କଂଗ୍ରେସ ପରାଜୟ ପରେ ଭୋଟ୍ ଚୋରିର ଅଭିଯୋଗ ଆଣୁଛି। ଦୀର୍ଘଦିନ ଧରି କ୍ଷମତାରୁ ଦୂରେଇ ରହିବା ଯୋଗୁଁ କଂଗ୍ରେସ ହତାଶାରେ ଏଭଳି ଅଭିଯୋଗ କରୁଛି ବୋଲି ସେ କହିଥିଲେ। ପଦଯାତ୍ରାରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ ଓ ରାଜ୍ୟ ସମ୍ପାଦକ ସରୋଜ କରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

ଟ୍ରକକୁ ପିଟିଲା ଆମ୍ବୁଲାନସ,୨ଜୀବନ ଗଲା

ବଲାଙ୍ଗୀର, ୧୪।୧୧: ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ବାଗବାହାରା ସହରରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଅଟକି ରହିଥିବା ଏକ ଟ୍ରକକୁ ପଛପଟୁ ଆମ୍ବୁଲାନ୍ସ ପିଟିହେବାରୁ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାମାନେ ହେଲେ ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା କୁଟୁର୍ଲା ଗାଁର ବସନ୍ତା ପ୍ରଧାନ(୬୦) ଓ ଆଗଲପୁର ଥାନା ଉଚ୍ଚବାହାଲ ଗାଁର ଉତ୍ତରା ଦୋରା(୬୦)। ଏଥରେ ୩ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କିଛି ଦିନ ପୂର୍ବେ ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା କୁଟୁର୍ଲା ଗାଁର ବସନ୍ତା ଓ ଆଗଲପୁର ଥାନା ଉଚ୍ଚବାହାଲ ଗାଁର ଉତ୍ତରା ଚିକିତ୍ସା ପାଇଁ ରାୟପୁରକୁ ଯାଇଥିଲେ। ସେଠାରେ କୌଣସି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ଉଭୟଙ୍କର ଡିସଚାର୍ଜ ହୋଇଥିଲା। ଶନିବାର ଭୋର ଦୁଇ ପରିବାରର ଦୁଇ ଜଣ ରୋଗୀ ଆମ୍ବୁଲାନ୍ସ (ସିଜି ୦୪ ଏନଏଚ ୭୭୪୬)ରେ ଘରକୁ ଫେରୁଥିବା ଏହି ଦୁର୍ଘଟଣା ଘଟିଥିଲା।

ଡିଟିଏମ୍ ଶ୍ରୀମନ ମିଶ୍ରଙ୍କ ଘରେ ମଧ୍ୟ ହୋଇଛି ଚଢ଼ଉ

ଭୁବନେଶ୍ୱର,୧୪।୧୧: ପାରାଦୀପ ପୋର୍ଟ ଡିଟିଏମ(ଡେପୁଟି ଟ୍ରାଫିକ ମ୍ୟାନେଜର)ଙ୍କ ଘରେ ଚଢ଼ଉ କରିଛି ସିବିଆଇ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡିଟିଏମ୍ ଶ୍ରୀମନ ମିଶ୍ରଙ୍କ ପାରାଦୀପ ସମେତ ଏରସମା, କୁଜଙ୍ଗ ଓ ଭୁବନେଶ୍ୱରରେ ଘର ଉପରେ ଚଢ଼ାଉ କରିଛି। ପାରାଦୀପ କ୍ୱାର୍ଟର୍ସ, ଉଦୟବଟ ଘର, କୁଜଙ୍ଗର ନିହାରୁଣୀ, ଏରସମାର ବାମଦେଇପୁର ଓ ଭୁବନେଶ୍ୱର ରଘୁନାଥପୁର ଘରେ ଏହି ଯାଞ୍ଚ ହୋଇଛି। ସେ ଅନେକ ଦାମୀ ସମ୍ପତ୍ତି କିଣିଥିବା ସନ୍ଧାନ ପାଇଛି ସିବିଆଇ।୮ଟି ସ୍ଥାନରେ ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସଂପତ୍ତି ଠାବ ହୋଇଥିବା ଏକ ସୂତ୍ରରୁ ପ୍ରକାଶ। ପୂର୍ବରୁ ଲୋକାୟୁକ୍ତ ଓ ଇଡିରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସିବିଆଇ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

ମଣିଷ ଖାଇଲା ମଲା କୁକୁର ମାଂସ

ସମ୍ବଲପୁର, ୧୪/୧୧: ଜାତୀୟ ରାଜପଥ ଉପରେ ଅଭାବନୀୟ ଦୃଶ୍ୟ। ମଣିଷ ଖାଇଲା ମଲା କୁକୁର ମାଂସ। ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁକୁରର ମାଂସକୁ ଜଣେ ବ୍ୟକ୍ତି ଖାଉଥିବା ଦେଖିବାକୁ ମିଳିଛି। ସମ୍ବଲପୁର ସହର ଉପକଣ୍ଠ ମାନେଶ୍ୱର ନିକଟ ୫୫ ନମ୍ବର ଜାତୀୟ ରାଜପଥର ଏହି ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। ବ୍ୟକ୍ତି ଜଣକଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କ ଘର ରାଞ୍ଚିରେ ଓ ତାଙ୍କ ମାନସିକ ସ୍ଥିତି ଠିକ୍ ନଥିବା ସନ୍ଦେହ କରାଯାଉଛି। ସାମ୍ନାକୁ ଆସିଥିବା ଦୃଶ୍ୟ ଯେତିକି ଅଭାବନୀୟ, ସେତିକି ବିଚଳିତ କଲା ଭଳି। ରାସ୍ତାକଡ଼ରେ ପଡ଼ିଛି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୋଟିଏ କୁକୁରର ମୃତଦେହ। ଆଉ ସେହି ମୃତଦେହ ପାଖରେ ବସିଛନ୍ତି ଜଣେ ବ୍ୟକ୍ତି। ସେ ସେହି ମୃତ କୁକୁରର ମାଂସ ଖାଉଥିବା ଦେଖାଯାଉଛି। ଏଭଳି ଦୃଶ୍ୟ ଦେଖି ସ୍ତବ୍ଧ ହୋଇଯାଇଛନ୍ତି ରାସ୍ତାରେ ଯାଉଥିବା ଲୋକେ। ଗତକାଲି ସନ୍ଧ୍ୟାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମୃତ କୁକୁରର ମାଂସ ଖାଉଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ କିଛି ଲୋକ ବାରଣ କରିବା ସହ ସେଠାରୁ ଚାଲିଯିବାକୁ କହିଥିଲେ।

ରାୟଗଡ଼ା ଗସ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ

ରାୟଗଡ଼, ୧୪।୧୧ (ନିପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗର ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ଦୁଇଦିନିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକଳାପ ଓ କାର୍ଯ୍ୟାଳୟ ପରିଚାଳନାର ସମୀକ୍ଷା କରିଛନ୍ତି। ଗସ୍ତର ପ୍ରଥମ ଦିନରେ ସେ ଗୁଣପୁରସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିଥିଲେ। ପାଠାଗାରରେ ଥିବା ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ଓ ପାଠକଙ୍କ ସଦସ୍ୟତା ରେକର୍ଡ ଯାଞ୍ଚ କରିବା ସହ ଏହାର ପରିଚାଳନା ଓ ସୁବିଧା ସୁଯୋଗ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଯୁବପିଢ଼ିଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଅଧିକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପାଠାଗାରରେ ଇଣ୍ଟରନେଟ୍ ଓ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ସେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ହରୀଶ ପ୍ରଧାନଙ୍କୁ ଡକ୍ଟରେଟ୍ ଉପାଧି



ନୟାଗଡ଼, ୧୪।୧୧(ନିପ୍ର): ବିଶିଷ୍ଟ କବି, ଲେଖକ, ଗୀତିକାର ତଥା ସମାଜ ସଂସ୍କାରକ ଗୀତିକଳ୍ପ ହରୀଶ ପ୍ରଧାନଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ତାଙ୍କର ସାହିତ୍ୟ ସାଧନା, ସାମାଜିକ ଅବଦାନ ଓ ସୃଜନଶୀଳତାର ସ୍ୱୀକୃତି ସ୍ୱରୂପ ମସ୍କୋ ରିସର୍ଚ୍ଚ ୟୁନିଭର୍ସିଟି ପକ୍ଷରୁ ଏହି ଉପାଧି ପ୍ରଦାନ କରାଯାଇଛି। ପୁରୀ ଶ୍ରୀଜଗନ୍ନାଥ ଧାମଠାରେ ଗତକାଲି ସନ୍ଧ୍ୟାରେ ଆୟୋଜିତ ଏକ ବର୍ଣ୍ଢ୍ୟ ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ଅନ୍ୟ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ଭାରତୀୟ ପ୍ରତିନିଧି ସଂସ୍ଥା କ୍ରେତନ ମିଡିଆ ମାଧ୍ୟମରେ ତାଙ୍କୁ ଡକ୍ଟରେଟ୍ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ହରିଶ ପ୍ରଧାନ ନିଜର ସାହିତ୍ୟ ସୃଷ୍ଟି ମାଧ୍ୟମରେ ସମାଜର ସୁଖଦୁଃଖ, ସମସ୍ୟା ଓ ମାନବୀୟ ମୂଲ୍ୟବୋଧକୁ ପ୍ରତିଫଳିତ କରିଆସୁଛନ୍ତି। ତାଙ୍କ ଲେଖନୀରେ ସମାଜ ପରିବର୍ତ୍ତନର ଆହ୍ୱାନ ଓ ମାନବିକତାର ବାର୍ତ୍ତା ପ୍ରକାଶ ପାଇଥାଏ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ରାଜ୍ୟପାଳଙ୍କଠାରୁ ବିଭିନ୍ନ ସମ୍ମାନ ଓ ପୁରସ୍କାର ପାଇଥିବା ହରୀଶ ପ୍ରଧାନ 'ନୟାଗଡ଼ ଦର୍ପଣ' ଓ 'ଓଡ଼ିଶା ଦର୍ପଣ'ର ପ୍ରତିଷ୍ଠାତା।

ବିଶ୍ୱଶାନ୍ତି ଦିଗରେ ଆଇସିଜେର ଅବଦାନ ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର, ୧୪।୧୧(ନିପ୍ର): କିଟ୍ ଲ' ସ୍କୁଲ୍ ପକ୍ଷରୁ ଶନିବାର 'ବିଶ୍ୱଶାନ୍ତି ଦିଗରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ଅବଦାନ' ଶୀର୍ଷକ ଅନ୍ତର୍ଜାତୀୟ ଆଇନ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଆଇସିଜେର ପ୍ରେସିଡେଣ୍ଟ ଜଜ୍ ୟୁଜି ଇଓ୍ୱାସାଓ୍ୱାଙ୍କ ସମେତ ଜଜ୍ ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଡ ଓ ଜଜ୍ ବୋଗଦାନ-ଲୁସିଆନ୍ ଅରେସ୍କୁ ଯୋଗଦେଇ ବିଶ୍ୱଶାନ୍ତି, ଅନ୍ତର୍ଜାତୀୟ ଆଇନ, ମାନବାଧିକାର ଓ ଜଳବାୟୁ ପରିବର୍ତ୍ତନ ଭଳି ପ୍ରସଙ୍ଗରେ ମତ ରଖିଥିଲେ। ଜଜ୍ ୟୁଜି ଇଓ୍ୱାସାଓ୍ୱା କହିଥିଲେ, ବଳ ପ୍ରୟୋଗ ପରିବର୍ତ୍ତେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହିଁ ବିଶ୍ୱଶାନ୍ତିର ମୂଳ ଆଧାର। ଆଇସିଜେ ଏଥିପାଇଁ ଏକ ସ୍ୱାଧୀନ ଓ ନିରପେକ୍ଷ ମଞ୍ଚ ପ୍ରଦାନ କରୁଛି। ଏହାର ରାୟକୁ ସମ୍ମାନ ଦେବା ଓ କାର୍ଯ୍ୟକାରୀ କରିବା ସଂପୃକ୍ତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ ବୋଲି ସେ ମତ ଦେଇଥିଲେ। ଜଜ୍ ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଡ ଅନ୍ତର୍ଜାତୀୟ ଆଇନର ପରିବର୍ତ୍ତିତ ଭୂମିକା ଉପରେ ଆଲୋକପାତ କରି ମାନବାଧିକାର, ପରିବେଶ ସୁରକ୍ଷା, ବହୁପକ୍ଷୀୟ ସହଯୋଗ ଓ ବୈଶ୍ୱିକ ଦାୟିତ୍ୱବୋଧର ଗୁରୁତ୍ୱ ବୁଝାଇଥିଲେ। ସେହିପରି ଜଜ୍ ବୋଗଦାନ-ଲୁସିଆନ୍ ଅରେସ୍କୁ ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ, ଦ୍ୱୀପପୁଞ୍ଜ ଓ ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକା ପ୍ରତି ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ଚିନ୍ତା ପ୍ରକାଶ କରିଥିଲେ।

ଆବାସ ଯୋଜନାରେ ସ୍ୱଚ୍ଛତା ଓ ତ୍ୱରିତ୍ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ



ସୋନପୁର, ୧୪।୧୧(ନିପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇଦେବା ସହ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ସୁବର୍ଣ୍ଣପୁର ଟାଉନ୍ ହଲ୍‌ରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସଭାରେ ପ୍ରଦର୍ଶିତ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ଯୋଗ୍ୟ ପରିବାରଙ୍କୁ ଯୋଜନାର ସୁଫଳ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସିଡିଓ ଅଶ୍ୱିନୀ ମେହେର ସ୍ୱଚ୍ଛ ସର୍ବେକ୍ଷଣ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ପ୍ରାୟ ୩୦୦ ହିତାଧିକାରୀଙ୍କୁ ଘର ନିର୍ମାଣ ସମୟସୀମା ଅନୁଯାୟୀ ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ଶିଶୁଙ୍କୁ ସୁରକ୍ଷା ସଚେତନତା



କାକଟପୁର, ୧୪।୧୧(ନିପ୍ର): ଶିଶୁ ଦିବସ ଅବସରରେ କାକଟପୁର ଥାନା ପୁଲିସ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପୁଲିସ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରି ବ୍ୟକ୍ତିଗତ ସୁରକ୍ଷା, ନିରାପତ୍ତା ଓ ସାମାଜିକ ସଚେତନତା ସମ୍ପର୍କରେ ବୁଝାଇଥିଲେ। କୌଣସି ପରିସ୍ଥିତିରେ ଅସୁରକ୍ଷିତ ମନେ କଲେ ଭୟଭୀତ ନହୋଇ ଅଭିଭାବକ, ଶିକ୍ଷକ, ପୁଲିସ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କୁ ସମସ୍ୟା ଜଣାଇବାକୁ ପରାମର୍ଶ ଦେଇଥିଲେ। ପୁଲିସ ପ୍ରତି ପିଲାମାନଙ୍କ ମନରେ ଆସ୍ଥା ସୃଷ୍ଟି ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ଗଠନ ଏହାର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ଶିକ୍ଷକ ପ୍ରତାପ ରାଉତ, ଥାନାଧିକାରୀ ବସନ୍ତ କୁମାର ସାହୁ, ଏସ୍ଆଇ ପ୍ରିୟଦର୍ଶିନୀ ବରାଳ, ଏଏସ୍ଆଇ ଜୟନ୍ତୀ ସାହୁ ଓ ସଞ୍ଜୟ ପାଟଶାହାଣି ଉପସ୍ଥିତ ଥିଲେ।

୨୧୨ ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ଯୋଡ଼ା, ୧୪।୧୧ (ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ପକ୍ଷରୁ ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ୨୧୨ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯାଇଛି। ଦୀର୍ଘ ୧୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ଥିବା ଯୋଗ୍ୟ ହିତାଧିକାରୀମାନେ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ପୌରାଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ଉପାଧକ୍ଷା ସନ୍ଧ୍ୟା ପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ଚନ୍ଦନ କୁମାର ମଣ୍ଡଳ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ବି.ଏନ୍. ଦାସ ଏବଂ ମାଇନିଂ ଏରିଆ ଟ୍ରକ୍ ମାଲିକ ସଂଘ (ମାଟୋଆ)ର ସଭାପତି ଚତୁର୍ଭୁଜ ପଲେଇଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସଭାରେ ସୂଚନା ଦିଆଯାଇଥିଲା ଯେ, ରାଜ୍ୟରେ ବର୍ଷ ବର୍ଷ ଧର